ରହସ୍ୟମୟ ହେନ୍ତାଳବନ

As a federally owned enterprise, GIZ supports the German Government in achieving its objectives in the field of international cooperation for sustainable development.

Published by
Wetlands Management of Biodiversity and Climate Protection, a technical cooperation project with MoEF&CC, funded by IKI-BMUV and implemented by Deutsche Gesellschaft für Internationale Zusammenarbeit (GIZ)

Registered offices
Bonn and Eschborn

Address
Deutsche Gesellschaft für Internationale Zusammenarbeit (GIZ) GmbH
Indo-German Biodiversity Programme (IGBP),
GIZ-India, A-2/18, Safdarjung Enclave, New Delhi - 110029, India
E-Mail: biodiv.india@giz.de
Web: www.giz.de & www.indo-germanbiodiversity.com

Responsible
Ravindra Singh, Director, IGBP, GIZ
Kirtiman Awasthi, Project Manager, Wetlands Management for Biodiversity and Climate Protection, GIZ

Author (English)
Katie Bagli

Translator (Odia)
Tapas Ranjan Tripathy

Illustrator
Priya Kurian

Publishing Consultant
Yoda Press

Editors
Shambhavi Krishna and Tanbir Azmi - GIZ

Acknowledgements
Sudarshan Kumar Jadhav (DFO) - Mangrove Forest Division, Rajnagar (Odisha)
Niraakar Behra – resident, Bankual village, Kendrapara
Bijay Kumar Kabi and Biren Kumar Dash - APOWA
Suddhabrata Chakraborty, Yaiphaba Akoijam, Kunal Bharat, Avantika Bhaskar and Utkarsh Lal - GIZ
Also acknowledging contributions from Chhavi Tayal and Kruttika Bhave

Disclaimer
The views expressed in the report are purely those of the authors and may not in any circumstances be regarded as stating an official position of the Ministry of Environment, Forest and Climate Change (MoEFCC) or GIZ. The designation of geographical entities in the report, and presentation of material, do not imply the expression of any opinion whatsoever on the part of MoEFCC or GIZ concerning the legal status of any country, territory, or area or its authorities or concerning the delimitation of its frontiers or boundaries. This project is part of the International Climate Initiative (IKI).

On behalf of
German Federal Ministry for the Environment, Nature Conservation, Nuclear Safety and Consumer Protection (BMUV).

New Delhi, 2024

MANGROVE FOREST DIVISION
RAJNAGAR · ODISHA

Deutsche Gesellschaft für Internationale Zusammenarbeit (GIZ) GmbH

Supported by:

Federal Ministry for the Environment, Nature Conservation, Nuclear Safety and Consumer Protection

based on a decision of the German Bundestag

INTERNATIONAL CLIMATE INITIATIVE



ହେନ୍ତାଳବନ ମଧ୍ୟରେ

ଜେହାନ୍ ଭାରି ଉତ୍‌ଫୁଲ୍ଲିତ ହୋଇ ପଡ଼ିଥିଲା। କାରଣ ସିଏ ବାପାଙ୍କ ସହିତ ସେଇ ନୂଆଜାଗାରେ ଏକ ରୋମାଞ୍ଚକର ଭ୍ରମଣ କରିବାକୁ ଆସିଛି। ଗତ ସନ୍ଧ୍ୟାରେ ହିଁ ସେମାନେ ଓଡ଼ିଶାର କେନ୍ଦ୍ରାପଡ଼ା ଜିଲ୍ଲାର ଡାଙ୍ଗମାଳରେ ପହଞ୍ଚିଥିଲେ। ଜେହାନ୍ ଜାଣିଥିଲା ସେମାନେ ଗୋଟିଏ ଜାତୀୟ ଉଦ୍ୟାନକୁ ଯାଉଛନ୍ତି ଆଉ ତାର ବହୁତ ଆଗ୍ରହହେଲା, ଏହି ଅଜଣା ଅଞ୍ଚଳରେ କେଉଁ କେଉଁ ପ୍ରାଣୀସବୁଠୁ ବିପଜ୍ଜନକ ତାହା ସେ ଜାଣିବ।

ବାପା ତାକୁ କହିଥିଲେ, ଏହି ସ୍ଥାନ ଲୁଣିପାଣି କୁମ୍ଭୀର ପାଇଁ ପ୍ରସିଦ୍ଧ। କାରଣ ଲୁଣିପାଣି କୁମ୍ଭୀର ହେଉଛି ପୃଥିବୀର ସର୍ବବୃହତ୍ ଏବଂ ସବୁଠାରୁ ବିପଜ୍ଜନକ କୁମ୍ଭୀର।

ଏହି ଅଞ୍ଚଳର ଅନୁଧ୍ୟାନ କରିବା ଏବଂ କୁମ୍ଭୀର ଓ ଅନ୍ୟାନ୍ୟ ବନ୍ୟଜନ୍ତୁଙ୍କ ସହ ଗ୍ରାମବାସୀମାନେ କିପରି ଗୋଟିଏ ପରିବେଶରେ ବସବାସ କରୁଛନ୍ତି ସେନେଇ ଅଧିକ ଜାଣିବା ସକାଶେ ସରକାର ଜେହାନ୍ ର ବାପା ଶ୍ରୀ ଶାପୁରଙ୍କୁ ପଠାଇଥିଲେ। ଜଙ୍ଗଲ ବିଭାଗର ଗେଷ୍ଟହାଉସରେ ସକାଳ ଜଳଖିଆରେ ଉପମା ଖାଇ, ଚା ପିଇ ବାପା-ପୁଅ ଦୁହେଁ ବାହାରିଗଲେ ଏଇ ଅଞ୍ଚଳର ବୈଚିତ୍ର୍ୟ ଜାଣିବାକୁ। ସେମାନଙ୍କ ସହିତ ଗଲେ ସ୍ଥାନୀୟ ଜଙ୍ଗଲ କର୍ମଚାରୀ ପ୍ରୀତେଶ, ସିଏ ଏହି ପରିଦର୍ଶନ ପାଇଁ ସେମାନଙ୍କର ଗାଇଡ୍ ଏବଂ ଅନୁବାଦକ, କାରଣ ଅଧିକାଂଶ ଗ୍ରାମବାସୀଙ୍କ ଭାଷା କେବଳ ଓଡ଼ିଆ।

ଚଢ଼େଇମାନଙ୍କ କଳରବ ଏବଂ କୀଟପତଙ୍ଗଙ୍କ ଗୁଣୁଗୁଣୁ ତାନରେ ସେମାନଙ୍କ ଯାତ୍ରା ଖୁବ୍ ଆନନ୍ଦଦାୟକ ଲାଗୁଥିଲା। ବାଟସାରା ମାଛରଙ୍କା ପକ୍ଷୀଙ୍କ କାନଫଟା କର୍କଶଧ୍ୱନି, ସାତଭାୟା ଚଢ଼େଇମାନଙ୍କ କିଚିରିମିଚିରି, ନାନା ଜାତିର ବଗଙ୍କ ଚଟଚଟ ରାବ, ଝିଙ୍କାରିର ଝିଂ ଝିଂ ଶବ୍ଦର ସମୂହ ସଙ୍ଗୀତ। ନିଜ ସହରର କୋଳାହଳକୁ ପଛରେ ଛାଡ଼ି ଆସିଥିବା ଜେହାନ୍ ଏବେ ତା ଚତୁର୍ଦ୍ଦିଗରେ ପ୍ରକୃତିର ସଙ୍ଗୀତମୟ ପରିବେଶ ଭିତରେ ଯାଉ ଯାଉ ଭାବୁଥିଲା, ଏ ସ୍ଥାନ ସତରେ ସହରଠାରୁ କେତେ ଭିନ୍ନ! ଆଗରେ ଆହୁରି କେତେଯେ ବିଚିତ୍ର କଥା ରହିଛି, ସେନେଇ ତାର କୌଣସି ଧାରଣା ନଥିଲା।

ଜେହାନ୍ ଏବଂ ତାଙ୍କ ବାପା ଗାଡ଼ି ଧରି ଗୋଟେ ଗାଁରେ ପହଞ୍ଚିଲେ। ଗାଁ ଟା ଯାକ ଛତାପରି ଚାରିପଟକୁ ନୁଆଁଣିଆ ଛପରଘର, ମାଟିର କାନ୍ଥ। ଅନେକଘରର ମାଟିକାନ୍ଥରେ ହୋଇଛି ନାନାଦି ରକମର ସୁନ୍ଦର ଚିତ୍ରାଙ୍କନ। “ଏକଣ! ଘରଗୁଡ଼ିକରେ କବାଟ କି ଝରକା ଲାଗିନିଯେ,” ଜେହାନ୍ ଆଶ୍ଚର୍ଯ୍ୟହୋଇ ପଚାରିଲା।

ଗାଇଡ ପ୍ରୀତେଶ ବୁଝାଇଦେଲେ "ଗ୍ରାମବାସୀ ବିଶ୍ୱାସ କରନ୍ତି, ଖରାଖାଇ ଠାକୁରାଣୀଙ୍କ ଆଶୀର୍ବାଦ ସେମାନଙ୍କ ଉପରେ ରହିଛି। ସେହିଁ ସେମାନଙ୍କୁ ଚୋରତସ୍କରଙ୍କ ଠାରୁ ରକ୍ଷାକରନ୍ତି। ତେଣୁ ଘରେ କୌଣସି କବାଟ ଝରକା ଲୋଡ଼ାନାହିଁ।"

ଫୁଲରେ ଭର୍ତ୍ତିଗୋଟେ ବଡ଼ ଶାଳଗଛ ତଳେ ଶ୍ରୀ ଶାପୁର ଓ ପ୍ରୀତେଶ ବସିପଡ଼ି ଗ୍ରାମବାସୀଙ୍କ ସହ କଥାବାର୍ତ୍ତା କରୁଥିବାବେଳେ ଜେହାନ୍ ନିଜ ଫୋନ କ୍ୟାମେରାରେ ମନୋରମ ଦୃଶ୍ୟସବୁର ଫଟୋ ଉଠାଇ ଅନ୍ୟମନସ୍କ ଭାବେ ବୁଲୁଥିଲା। ହଠାତ ଦେଖିଲା ସିଏ ଏବେ ଆକର୍ଷଣର କେନ୍ଦ୍ର ପାଲଟି ଯାଇଛି, ଦଳେ ପିଲା ତାକୁ ଘେରି ଠିଆହୋଇଛନ୍ତି। ସେମାନେ ତାକୁ ଚାହିଁ ହସାହସି ହେଉଥିଲେ। ଖରାତାପରୁ ବର୍ତ୍ତିବା ପାଇଁ ଟୋପି, ଜିନ୍ସ ଏବଂ କାନଭାସ ଜୋତା ପିନ୍ଧି ଅଦ୍ଭୁତ ଦିଶୁଥିବା ଜେହାନ୍ ସେମାନଙ୍କ ନଜରରେ ଜଣେ ବିଦେଶୀ ଭଳି ଲାଗୁଥିଲା।

ପରିସ୍ଥିତିକୁ ଟିକିଏ ହାଲୁକା କରିବାକୁ ଯାଇ ସେକହିଲା, "ମୋ ନାଁ ଜେହାନ୍" କିନ୍ତୁ ପିଲାମାନେ ଲାଜେଇଯାଇ ଯେଝା ଘରକୁ ଯିଏ ପଳେଇଗଲେ। କେବଳ ତାଆରି ବୟସର ଝିଅଟିଏ, ନୂଆକରି ତାଙ୍କ ଅଞ୍ଚଳକୁ ଆସିଥିବା ଆଗନ୍ତୁକକୁ ସାଙ୍ଗ ଭଳି ଚାହିଁ ହସିଦେଲା। ଜେହାନ୍ ତା ଫୋନ୍ ଗ୍ୟାଲେରୀ ଖୋଲିଲା ବେଳକୁ ଝିଅଟି ଆସି ତାପାଖରେ ଠିଆହେଲାଣି। ମନ ଭିତରେ ଟିକିଏ ଉତ୍ସାହ ଅନୁଭବକରି ଜେହାନ୍ ନିଜ ଆଡୁ କଥାବାର୍ତ୍ତା ଆରମ୍ଭକଲା। ନିଜ ପରିଚୟ ଦେଇ ସେ କହିଲା, ମୁଁ ହେଉଛି ଜେହାନ୍, ତୁମ ନାଁ?

"ମୁଁ ରୁନୁ"।

"ଏଇଟା କଣ ତୁମ ଘର? ତୁମ ଗାଁଟି ତ ଭାରି ସୁନ୍ଦର। ଆମ ଘର ବହୁତ ଦୂରରେ, ମୁମ୍ବାଇରେ—ମୁଁ ସେଠି ରହେ"। ଏତକ କହି ସେ ତାଙ୍କ ପରିବାର ଲୋକ, ପୋଷା କୁକୁର ଏବଂ ତାଙ୍କ ବିଦ୍ୟାଳୟର ଫଟୋ ଦେଖାଇଲା। ଜେହାନ୍ କୁ ଏବେ ଜଣେ ନୂଆ ସାଙ୍ଗ ମିଳିଗଲା।

ଦୁହେଁ ଗପିଲେ। ରୁନୁ ସ୍କୁଲରୁ ଶିଖିଥିବା କିଛି କିଛି ହିନ୍ଦୀ ଭାଷା ବ୍ୟବହାର କରି କଥାହେଲା। ଏଥି ସହିତ ସେ ତାକୁ ଆଖପାଖ ଜାଗା ଦେଖାଇ ଦେବ କହିଲା। ଶ୍ରୀ ଶାପୁର ସେତେବେଳେ ଗାଁ'ର ପୁରୁଖା ଲୋକଙ୍କ ସହିତ ଆଲୋଚନାରେ ବ୍ୟସ୍ତ ଥାଆନ୍ତି।

ଜେହାନ୍ ର ବାପା ସତର୍କ କରିଦେଇ କହିଲେ, "ବେଶୀ ଦୂରକୁ ଯିବନି, ସାପ ଫାପ ଥାଇପାରନ୍ତି"। କିନ୍ତୁ ପ୍ରୀତେଶ ଶ୍ରୀ ଶାପୁରଙ୍କୁ ଆଶ୍ୱସ୍ତ କରିଦେଇ କହିଲେ; ଭୟ କରିବାର କିଛିନାହିଁ, ରୁନୁ ଏଇ ଜାଗାର ଝିଅ, ଏଠା ପାଣି ପବନରେ ବଢ଼ିଛି, ତାକୁ ରାସ୍ତାଘାଟସବୁ ଜଣା।

ଗାଁ ପାଖରେ ଚାଲୁ ଚାଲୁ ରୁନୁ ଭିତରକନିକାରେ ଦେଖିଥିବା ଓ ଅଙ୍ଗେ ନିଭେଇଥିବା କଥାମାନ କହି କହି ଜେହାନ୍‌କୁ ଆମୋଦିତ କରୁଥାଏ। "ଥରେ ମୁଁ ଜଙ୍ଗଲ ମଝିରେ ପୁରାତନ ଦିଶୁଥିବା ପଥର ତିଆରି ଏକ ଉଚ୍ଚାଘର ଦେଖିଲି"। କିଛି ଗୋଟେ ଗୁଢ଼ ରହସ୍ୟ ଉନ୍ମୋଚନ କଲାଭଳି ସ୍ୱରକୁ କମାଇଦେଇ ରୁନୁପଚାରିଲା, "ଜାଣିଛ ସେଇଟା କଣଥିଲା?"

"ନା, କ'ଣ ହୋଇପାରେ ସେଇଟା?" ଜେହାନ୍ ବିସ୍ମିତ ହୋଇପଡ଼ିଥିଲା, ତାର କୌତୂହଳ ବଢ଼ିବାରେ ଲାଗିଥାଏ।

"ଏହାଥିଲା ଶହେ ବର୍ଷର ଏକ ପୁରୁଣା ଧ୍ୱଂସାବଶେଷ ଏବଂ ଏଥିରେ ରହିଥିଲା ଅସଂଖ୍ୟ ଖୋପ," ରୁନୁ ଜେହାନ୍ ର କୌତୂହଳକୁ ଆହୁରି ବଢ଼ାଇବା ଉଦ୍ଦେଶ୍ୟରେ ଏକାବେଳକେ ପୂରାକଥା ନକହି ଏମିତି ଅଳ୍ପ କହିଲା।

"ଜେହାନ୍ ଆଉ ଧୈର୍ଯ୍ୟ ଧରି ନପାରି ପଚାରିଲା, କିନ୍ତୁ ଏହା କ'ଣ ପାଇଁ ତିଆରି ହୋଇଥିଲା?"



ଶେଷରେ ରୁନୁ ରହସ୍ୟ ଖୋଲି କହିଲା, "ଏଇଟା ଥିଲା କନିକା ରାଜାଙ୍କ ଦ୍ୱାରା ନିର୍ମିତ ଶିକାର କରିବାପାଇଁ ଏକ ଟାୱାର"। ସେ କାଳରେ ବନ୍ୟଜନ୍ତୁଙ୍କ ସଂଖ୍ୟା ଏତେ ଅଧିକଥିଲା ଯେ ସେମାନଙ୍କୁ ଶୀକାର କରିବା ଅପରାଧ ବୋଲି କେହି ଭାବୁନଥିଲେ, ବରଂ ଖେଳ ବା କୌତୁକ ହିସାବରେ ଏପରି ଶୀକାର ଚାଲିଥିଲା। ଏବେ କିନ୍ତୁ କଠୋର ନିୟମ କାନୁନ କରାଯାଇ ବଣ୍ୟଜନ୍ତୁଙ୍କୁ ମାରିବା ଉପରେ କଡ଼ା କଟକଣା ଜାରି କରାଯାଇଛି। ଏତିକି କହିଲାବେଳକୁ ସେମାନଙ୍କ ପାଖଦେଇ ଗୋଟିଏ ପରିବାରର ତିନିଟା ନେଉଳ ଫଁଅଁ ଫଁଅଁ ଶବ୍ଦକରି ବୁଦାପରି ମୋଟାଳିଆ ଲାଞ୍ଜମାନ ହଲେଇ ହଲେଇ ବଣ ଭିତରେ ଅଦୃଶ୍ୟ ହୋଇଗଲେ। ଏମାନଙ୍କ ଅଚାନକ ପ୍ରବେଶ ଯୋଗୁ ସେଇ ଟାୱାରକୁ ନେଇ ଚାଲିଥିବା ଭୟ ସଂଚାରକାରୀ କଥାବାର୍ତ୍ତା ବ୍ୟାହତ ହେଲା।

"ରକ୍ଷାହେଲା," ଜେହାନ୍ ଟିକେ ଆଶ୍ୱସ୍ତ ହୋଇ କହିଲା। "ବନ୍ୟଜନ୍ତୁଙ୍କୁ ହତ୍ୟାକରିବା ଅତ୍ୟନ୍ତ ନିଷ୍ଠୁରତା! ହଁ, ମୁଁ ଭାବୁଛି ଟାୱାରରେ ଥିବା ସେହି ଖୋପଗୁଡ଼ିକ ବୋଧେ ବନ୍ଧୁକକୁ ନିର୍ବିଘ୍ନରେ ବିଚରଣ କରୁଥିବା ପଶୁମାନଙ୍କ ଆଡ଼କୁ ଲକ୍ଷ୍ୟ କରିବାପାଇଁ ତିଆରି ହୋଇଥିଲା।"

କଥାହୋଇ ଚାଲୁଚାଲୁ ସେମାନେ ଗାଁ ବିଦ୍ୟାଳୟ ନିକଟରେ ପହଞ୍ଚି ଯାଇଥିଲେ ଏବଂ ସ୍ଥିରକଲେ ସିଡ଼ି ପାହାଚ ଦେଇ ସେମାନେ ଛାତ ଉପରକୁ ଚଢ଼ିବେ, ଯେମିତି ରାଜାଙ୍କ ଶୀକାର-ଟାୱାର ଉପରେ ଚଢ଼ୁଛନ୍ତି।

ଛାତ ଉପରୁ ଚତୁଃପାର୍ଶ୍ୱର ଘନ ସବୁଜିମାଭରା ଦୃଶ୍ୟଥିଲା ବିମୋହିତ କଲାଭଳି, ଅତ୍ୟନ୍ତ ମନୋରମ। ଏଇ ଛାତଉପରୁ ହିଁ ପ୍ରଥମଥର ଲାଗି ଜେହାନ୍ ର ଆଖିରେ ପଡ଼ିଲା ବ୍ରାହ୍ମଣୀନଦୀ କୂଳେକୂଳେ ବ୍ୟାପିଥିବା ଲୁଣାଜଙ୍ଗଲ ବା ହେନ୍ତାଳବନ। ଚିତ୍ତାକର୍ଷକ ଦୃଶ୍ୟସବୁକୁ ସେ ବିସ୍ଫାରିତ ଆଖିରେ ଆଁ କରି ଚାହିଁଥିଲା। ଏଇ ଅଦ୍ଭୁତ ଗଛଗୁଡ଼ିକ ଜେହାନ୍ କୁ ବିସ୍ମିତ କରିଦେଲା। ଓଡ଼ିଶାରେ ଲୁଣାଜଙ୍ଗଲ ଥିବାକଥା ବାପା ତାକୁ ଆଗରୁ କହିଥିଲେ ତଥାପି ଏମିତି ଅଦ୍ଭୁତ ଗଛଥାଏ ବୋଲି ସେ କେବେବି ଭାବିପାରିନଥିଲା। ହେଲେ ଗଛମୂଳରେ ମୁନିଆ ମୁନିଆ ହୋଇ ମାଟିଉପରକୁ ଉଠିଥିବା ଜିନିଷ ଗୁଡ଼ିକ କଣ ବୋଲି ସେ ରୁନୁକୁ ପଚାରିଲା।

ରୁନୁ କହିଲା, "ଓହୋ, ସେଗୁଡିକ ହେଉଛି ପାଉଁଶିଆ ବକଳ ବିଶିଷ୍ଟ ହେନ୍ତାଳବନ (ଆଭିସିନିଆ/ଗଛର ସମାନ୍ୟ କଳାରଙ୍ଗର ଚିକ୍କଣିଆ ପତଳା ବକଳ ଥାଏ) ରେ ବଢୁଥିବା ଲୁଣାଗଛର ମାଟି ଉପରକୁ ଉଠିଥିବା ଚେରସବୁ"। ରୁନୁ କହିଚାଲିଲା, "ଚେରସବୁ ମାଟିତଳକୁ ନଯାଇ ଉପରକୁ କାହିଁକି ଉଠିଛି, ଏକଥା ତୁମେ ଭାବୁଥିବ ନିଶ୍ଚୟ"। ଏବେ ଜୁଆର ଛାଡ଼ିଯାଇଛି ବୋଲି ଗଛମୂଳ

ଶୁଖିଲା, କିନ୍ତୁ ଜୁଆର ସମୟରେ ଦୀର୍ଘସମୟଧରି ଗଛର ମୂଳ ପାଣିରେ ବୁଡ଼ିରହେ। ଭଲା! ଗଛ କେମିତି ନିଶ୍ୱାସ ପ୍ରଶ୍ୱାସ ନେବ ପାଣି ଭିତରେ? ତେଣୁ ଗଛ ତାର ଚତୁରତା ଦେଖାଇଛି। ସାଧାରଣ ଚେରକୁ ଛାଡ଼ି ଏଇ ଲୁଣାଗଛଗୁଡ଼ିକ ସ୍ୱତନ୍ତ୍ର ଭାବେ ଆଉ ଏକ ପ୍ରକାର ଚେର ସୃଷ୍ଟି କରିଛନ୍ତି। ଉପରକୁ ଉଠିଥିବା ଏଇ ଚେରଗୁଡିକର ଅଗ୍ରଭାଗରେ ଆମମାନଙ୍କ ନାକ ଭଳି ଛୋଟଛୋଟ ଛିଦ୍ରଥାଏ। ଏଇ ଚେର ଦ୍ୱାରା ଲୁଣାଗଛ ଶ୍ୱାସକ୍ରିୟା ସମ୍ପାଦନକରେ। ନିଜର ଆବଶ୍ୟକତା ପାଇଁ ଏଭଳି ନୂଆ ପ୍ରକାରର ଚେର ବଢ଼ାଇଥିବା ଗଛ ଚାଲାକ୍ ନା ନାହିଁ?

ଜେହାନ୍ କହିଲା, "ହଁ, ହଁ, ତେବେ ମୋତେ ଲାଗୁଛି ପେନସିଲ ପରି ଅନେକଗୁଡିଏ ଖୁଣ୍ଟ ଯେମିତି ଗଛ ଚାରିପାଖେ ରହି ତାର ସ୍ଥିରତା ରକ୍ଷା କରୁଛନ୍ତି। ଆମେ ସେଠିକି ଯିବାନି କି?"

ଜେହାନ୍ ଆଉ ଅପେକ୍ଷା କରିପାରିଲାନି, ହେନ୍ତାଳବନ ନିକଟକୁ ଯିବାକୁ ବ୍ୟଗ୍ର ହୋଇଉଠିଲା। ପିଲା ଦୁଇଜଣ ତରବର ହୋଇ ପାହାଚରୁ ଓହ୍ଲାଇପଡ଼ି ଲୁଣାଜଙ୍ଗଲ / ହେନ୍ତାଳବନ ଆଡ଼କୁ ଧାଇଁଲେ। କିନ୍ତୁ ରୁନୁ ହଠାତ୍ ଅଟକିଯାଇ କହିଲା, "ଚାଲ ଆମେ ଆଗ ଏଇ ଲମ୍ବା ପତ୍ରରୁ କିଛି ଛିଣ୍ଡାଇ ନେବା"। ଏତକ କହି ରୁନୁ ଗୋଟିଏ ଗଛପାଖକୁ ଆଗେଇଗଲା, ଯାହାର ଗଣ୍ଡି ଚାରିପଟରୁ ଅନେକଗୁଡ଼ିଏ ମୋଟା ମୋଟା ଚେର ବାହାରି ଗୋଟେ ସ୍କର୍ଟର ଘେର ଭଳି ଦିଶୁଥିଲା। ତାପରେ ସେ ଛୋଟ ଛୁରୀଟିଏ ବାହାରକରି ଖଣ୍ଡା ପରି ଦିଶୁଥିବା ଲମ୍ବାଳିଆ ସରୁପତ୍ର କେତୋଟା କାଟି ଗୁଡ଼େଇଦେଇ ନିଜ ସ୍କର୍ଟ ପକେଟରେ ଗୁଞ୍ଜିଦେଲା। "ଏହା ହେଉଛି କେତକୀ ଉଦ୍ଭିଦ, ଲୁଣାଜଙ୍ଗଲର ଆରମ୍ଭରେ ବଢ଼େ। ଏହାର ପତ୍ର ଦଉଡ଼ି ବନେଇବା ପାଇଁ ଖୁବ୍ ଉପଯୋଗୀ, ବାପା ଡଙ୍ଗାରେ ନଈରୁ ମାଛ ଧରିବାକୁ ଗଲାବେଳେ ଏଇ ପତ୍ରତିଆରି ଦଉଡ଼ି ବ୍ୟବହାର କରନ୍ତି। ଓଃ, ହଁ ଆମେ ଏଇପତ୍ରକୁ ମସୁର ଡାଲି ରାନ୍ଧିଲା ବେଳେ ବାସ୍ନା ପାଇଁ ସେଥିରେ ପକାଉ"। ଏହା କହି ସେ ତାର ହାତ ପାପୁଲିକୁ ଜେହାନ୍ ର ନାକ ପାଖକୁ ବଢ଼େଇ ଦେଲା, କାରଣ ଏବେବି ତା ହାତରେ ଲାଗି ରହିଥିବା ପତ୍ରର ସେ ସୁଗନ୍ଧକୁ ବାରିପାରିବ।

"ଆଛା! ଏ ଗଛର କଣ ଏତେଗୁଡ଼ାଏ ଚେର ଠେସ ଦେଲା ଭଳି ପଦାକୁ ବାହାରି ଗଛକୁ ଉପୁଡ଼ି ଯିବାରୁ / ଟଳିପଡ଼ିବାରୁ ରକ୍ଷାକରେ?" ଜେହାନ୍ ପଚାରିଲା। ତାପରେ ସେ କହିଲା, "ମୁଁ ଅନୁମାନ କରୁଛି, ଉଚ୍ଚ ଜୁଆର ସମୟରେ ଯେତେବେଳେ ଗଛ ପୁରାପୁରି ପାଣିଘେରରେ ଥିବ, ସେତେବେଳେ ଜୁଆର ପାଣିର ଢେଉ ନିଶ୍ଚେ ଖୁବ ଶକ୍ତିଶାଳୀ/ପ୍ରବଳଥିବ"।

ରୁନୁ ସାଙ୍ଗେସାଙ୍ଗେ ଉତ୍ତରଦେଲା, "ହଁ ଠିକ ସେଇଆ"। ୟା'ପରେ ମୁଁ ତୁମକୁ ନାଲିଆ ଲୁଣାଜଙ୍ଗଲ (ରାଇଜୋଫୋରା/ବକଳ ତଳେ ଗଛର ଗଣ୍ଡି ଗାଢ଼ନାଲି) ଦେଖାଇବି, ଯେଉଁଠାରେ କେତକୀରକମର ଉଦ୍ଭିଦଗୁଡ଼ିକରୁ ମଧ୍ୟ ସିଧା ହାତବାଡ଼ି ପରିକା ଅନେକ ଠେସ ଚେର ବାହାରିଥିବ। ଆଉ କେତେକ ଗଛରେ ଚେରସବୁ ଲାଗିବ ଆଣ୍ଠୁ ନୋଇଁଥିବା ବୁଢ଼ୀଲୋକପରି। ଏହା କହି ରୁନୁ ଦୁର୍ବଳ ବୁଢ଼ୀଟିଏ ଭଳି ଗୋଡ଼ ବଙ୍କାକରି ଚାଲିଚାଲି ଦେଖାଇଦେଲା। ଜେହାନ୍ ହସି ପକାଇଲା ଆଉ ତା ନୂଆସାଙ୍ଗ ରୁନୁର ଚାଲିକୁ ଅନୁକରଣ କରି ଟିକେ ଚାଲିଲା।

ମନକୁମନ ଆଦରି ନେଇଥିବା ଗାଇଡ ଭୂମିକାରେ ବେଶ ଗୌରବ ଅନୁଭବ କରୁଥିବା ରୁନୁ ଏବେ ଜେହାନ୍ କୁ ଅତି ସନ୍ତସନ୍ତିଆ ଭୂଇଁଆଡ଼କୁ ବାଟକଢ଼ାଇ ନେଲା। ସେ ହାତରେ ନିଜ ଚପଲ ଦିଇଟାକୁ ଧରି ଖାଲିପାଦରେ ଚାଲିବାକୁ ଲାଗିଲା। ଜେହାନ୍ ବି ତା ଜୋତା ଓ ମୋଜା ଖୋଲିଦେଇ ତାକୁ ଅନୁସରଣ କଲା। ଏଭଳି ଅଞ୍ଚଳରେ ଚାଲିବା ଥିଲା ପ୍ରକୃତରେ ଭାରି କଷ୍ଟକର, କାରଣ ତଳୁ ଉପରକୁ ଖୁଣ୍ଟାପରି ଉଠିଥିବା ଚେରଗୁଡ଼ିକ ଭୂଇଁସାରା ବିଛେଇହୋଇ ପଡ଼ିଥାଏ ମୁନିଆଁ କଣ୍ଟାପରି ଆଉ ପାଦ ପାଣିରେ ବୁଡ଼ିରହୁଥାଏ ବଳାଗଣ୍ଠି ଯାଏଁ। ଜେହାନ୍ ହଠାତ୍ ଭୟରେ ଡେଇଁପଡିଲା। ମୁଣ୍ଡର ଉପରିଭାଗରେ ଚମକୁଥିବା ଛୋଟିଆ ଆଖି ଥିବା ମାଛଭଳିଆ କଣ ଗୋଟିଏ ତା ପାଦ ପାଖରେ ଡେଇଁବାରେ ଲାଗିଲା ଏବଂ ଠିକ ପରେପରେ ସତେ ଯେମିତି କାହାର ଇଙ୍ଗିତରେ ସେଇ ମାଛ ସଦୃଶ ଅନେକଗୁଡ଼ାଏ ବାହାରିପଡ଼ିଲେ, ଯାଦୁକରର ଟୋପିରୁ ଗୋଟାକୁଗୋଟା ଠେକୁଆ ବାହାରିଲା ପରି। ସେମାନଙ୍କ ଭିତରୁ କିଏ ଡେଇଁଲା, କୁଦିଲା ତ କିଏ ମାଙ୍କଡ଼ଚିତ୍ ମାରିଲା। ପୁଣି କେହିକେହି ଲାଞ୍ଜରେ ଠିଆହୋଇପଡ଼ି ଭାରସାମ୍ୟ ରକ୍ଷାକରୁଥିଲେ। ଜେହାନ୍ ବି ଡେଇଁକୁଦି ସେଇ ଜୀବମାନଙ୍କ ପାଖରୁ ଦୂରେଇ ରହିବା ପାଇଁ ଚେଷ୍ଟାକରୁଥାଏ। ତଥାପି ସନ୍ତୁଳନ ରକ୍ଷାକରିବା କଷ୍ଟକରଥିଲା, ସବୁଚେଷ୍ଟା ସତ୍ତ୍ୱେ ସେ କାଦୁଅପାଣିରେ ପଡ଼ିଗଲା। ଶେଷରେ, ସେ ହାର୍ ମାନି ମାଛସଦୃଶ ସେଇ ଜୀବମାନଙ୍କୁ ସେମାନଙ୍କ ପ୍ରକୃତି ଅନୁସାରେ ତା ଉପରେ ଡେଇଁବା, କୁଦିବାକୁ ଛାଡିଦେଲା।

ଏଭଳି ଦୃଶ୍ୟ ଦେଖି ରୁନୁ ଲୁହ ବାହାରିବା ଯାଏଁ ହସିବାରେ ଲାଗିଲା। "ଏଗୁଡ଼ାକ କାଦୁଅଡିଆଁ। ସନ୍ତସନ୍ତିଆ ହେନ୍ତାଳବଣସାରା ଦେଖାଯାଆନ୍ତି," ହସୁହସୁ କହିଲା ରୁନୁ। ଦେଖିପାରୁଛ, ସେମାନେ କେମିତି ଗାଲକୁ ଫୁଲେଇ ରଖିଛନ୍ତି? ସେଥିରେ ସେମାନେ ପାଣି ଭର୍ତ୍ତିକରିଛନ୍ତି, କାହିଁକିନା ପାଣିଭିତରୁ ଡେଇଁ ଶୂନ୍ୟରେ ଥିବାବେଳେ ସେମାନଙ୍କ ଗାଲିସି ଶୁଖିବନି। ଉଚ୍ଚଜୁଆର ଆସିଗଲେ କାଦୁଅଡିଆଁମାନେ ମାଛଙ୍କ ପରି ପହଁରନ୍ତି।

"କିନ୍ତୁ ହଠାତ୍ ଏଗୁଡ଼ାକ କେଉଁଠୁ ଆସିଲେ? ବୋଧେ ଏମାନେ କାଦୁଅ ଭିତରେ ଗାତକରି ଲୁଚିଥାନ୍ତି," ଜେହାନ ଅନୁମାନରେ କହିଲା।

“ହଁ, ମୋର ତୁମକୁ ଗୋଟେ ମଜାଦାର କଥା କହିବାର ଅଛି,” ରୁନୁ ଯୋଡ଼ିଲା। “ମାଈ କାଦୁଅଡ଼ିଆଁମାନେ କାଦୁଅ ତଳ ଗାତ ଭିତରେ ଥିବା ସ୍ୱତନ୍ତ୍ର କୋଠରୀରେ ଅଣ୍ଡାଦିଅନ୍ତି। କିନ୍ତୁ ଭିତରେ ବେଶି ବାୟୁ ନଥିବାରୁ ବାପା କାଦୁଅଡ଼ିଆଁ ସେଗୁଡ଼ିକ ଉପରେ ମଝିରେମଝିରେ ପବନ ଫୁଙ୍କି ଛାଡ଼ନ୍ତି”।

“ବାପା କାଦୁଅଡ଼ିଆଁ ନିଜ ଛୁଆମାନଙ୍କ ପାଇଁ କେତେ ଯତ୍ନବାନ ସତେ”! ଜେହାନ୍ ମନ୍ତବ୍ୟଦେଲା। “ଗୁଡ଼େ ଡ଼ିଆଁକୁଦାକରି ମୋତେ ଭୋକ ଲାଗିଲାଣି। ଏବେ ତ ଦି’ପହର ଖାଇବା ବେଳ ହେଲାଣି”।

“ତୁମେ ଆମଘରେ ଆମ ସାଙ୍ଗରେ କାହିଁକି ଖାଇଦେଉନ?” ରୁନୁ ତା’ଆଡ଼ୁ କହିଲା। “ମା’ ବହୁତ ସୁଆଦିଆ ଖାଦ୍ୟ ରାନ୍ଧନ୍ତି। ତୁମେ ବି ଏହି କେତକୀ ପତ୍ର ପଡ଼ିଥିବା ବାସ୍ନାଡ଼ାଲିର ସୁଆଦ ଚାଖିପାରନ୍ତ”।

ଏହି ଲୋଭନୀୟ ନିମନ୍ତ୍ରଣକୁ ମନାକରିବା ସହଜ ନଥିଲା। “ମୋ ପାପା ଓ ପ୍ରୀତେଶ ଅଙ୍କଲ ଯୋଗଦେଇପାରିବେ କି? ଆମ ତିନିଜଣଙ୍କ ପାଇଁ ଖାଇବା ଅଣ୍ଟିବ ତ?” ଜେହାନ୍ ସାହସକରି ପଚାରିଦେଲା।

“ହବନି କାହିଁକି, କିଛି କଙ୍କଡ଼ା ତରକାରୀ କରିବାକୁ ମୁଁ ମାଆଙ୍କୁ କହିବି,” ସ୍ୱାଭାବିକ ଢଙ୍ଗରେ ରୁନୁ ଉତ୍ତରଦେଲା। “ଆଛା, ତୁମେ ସେହି କଙ୍କଡ଼ାମାନଙ୍କୁ ଦେଖିପାରୁଛ?” ଗୋଟିଏ ଆଡ଼କୁ ଆଙ୍ଗୁଠି ଦେଖାଇ ସେ ପଚାରିଲା।

ଜେହାନ୍ ଆଶ୍ଚର୍ଯ୍ୟହୋଇ ଦେଖିଲା, ବିଚରଣ କରୁଥିଲେ ଦଳଦଳ ନାଲିକଙ୍କଡ଼ା, ସେମାନେ ଲାଗୁଥିଲେ କଙ୍କଡ଼ାଙ୍କ ସୈନ୍ୟବାହିନୀ ପରି। ସମସ୍ତଙ୍କର ଅନେକ ସାଧାରଣ ଗୋଡ଼ ସହିତ ଥିଲା ଗୋଟିଏ ଲେଖାଏଁ ଅସମ୍ଭବ ପ୍ରକାରର ବୁଢ଼ାଗୋଡ଼ ଅର୍ଥାତ୍ ବଡ଼ପଞ୍ଝା, ଯାହାକୁ ସେମାନେ ଇଶାରା କଲାଭଳି ହଲେଇହଲେଇ ଚାଲୁଥିଲେ!

ସେଠି କଣ ଘଟୁଛି, କୁହ! ସେମାନେ କଣ ଆମକୁ ଗୁଡବାଏ କରୁଛନ୍ତି?

ହା,ହା! ରୁନୁ ପୁଣି ବହେ ହସିଲା ଆଉ କହିଲା ସେମାନେ ହେଉଛନ୍ତି ଫିଡ଼ଲର କଙ୍କଡ଼ା। ଆମ ସ୍କୁଲଶିକ୍ଷକ କହୁଥିଲେ ଇଂରାଜୀରେ ଫିଡ଼ଲର୍ ମାନେ ହେଲା, ବେହେଲା ବାଦକ। ପୁଣି ତୁମ ଭଳି କେତେକ ଭାବନ୍ତି ସେମାନେ ହାତହଲେଇ ଗୁଡ଼ବାଏ କରୁଛନ୍ତି। ପ୍ରକୃତକଥା ହେଲା ସେମାନେ ଅଙ୍ଗଭଙ୍ଗୀକରି ମାଈକଙ୍କଡାମାନଙ୍କୁ ଡାକୁଛନ୍ତି।

ସେତିକିବେଳେ ରୁନୁର ଆଖିରେ ପଡ଼ିଲା ଅନ୍ୟ ଗୋଟିଏ ପ୍ରକାରର କଙ୍କଡ଼ା ମାନେ କାଦୁଆକଙ୍କଡ଼ା। ସେ ପାଟିକରି କହିଲା, "ମୁଁ ଏଇ କଙ୍କଡ଼ାମାନଙ୍କୁ ହିଁ ଖୋଜୁଥିଲି।"

ସେ ଚଟାପଟ ସେମାନଙ୍କଭିତରୁ ତିନିଟାଙ୍କୁ ଧରିପକାଇଲା। ତାପରେ ସେ ସ୍କର୍ଟପକେଟରେ ଆଗରୁ ରଖିଥିବା ପତ୍ରରେ ଏମିତି ଗୁଡ଼ାଇଦେଲା ଯେ, ଯେମିତି ସେମାନେ ତାଙ୍କ ତୀକ୍ଷ୍ଣ ମୁନିଆ ଗୋଡ଼ରେ ତାକୁ ବିନ୍ଧି ପାରିବେନି। ଏଇ କଙ୍କଡ଼ାର ତରକାରୀ ଭାରିସୁଆଦିଆ।

ସେମାନେ ରୁନୁ ଘରେ ପହଞ୍ଚିଗଲେ। ରୁନୁର ମାଆ ଖୁସିହୋଇ ଅତିଥିମାନଙ୍କ ପାଇଁ କାଠ ଚୁଲିରେ ସୁଆଦିଆ ତରକାରୀ ରାନ୍ଧିଦେଲେ। ମନଭରି ଖାଉଖାଉ ରୁନୁ ଆଉ ପ୍ରୀତେଶ କହିଚାଲିଥିଲେ କେମିତି ଭିତରକନିକାର ଅଧିବାସୀମାନେ ହେନ୍ତାଳବନ ଉପରେ ସେମାନଙ୍କ ଜୀବନଜୀବିକା ପାଇଁ ନିର୍ଭରଶୀଳ।

ହେନ୍ତାଳବଣ ଗ୍ରାମବାସୀମାନଙ୍କ ପାଇଁ ନିରାପଦ ଦୁର୍ଗଭଳି। "ଅତୀତରେ ଏଇ ହେନ୍ତାଳବଣର ଘଞ୍ଚ ଏବଂ ପରସ୍ପରସହ ଛନ୍ଦାଛନ୍ଦି ହୋଇରହିଥିବା ଚେରସବୁ ସେମାନଙ୍କୁ ଲଘୁଚାପ ତଥା ସୁନାମି ସମୟର ବତାସପବନ ଏବଂ ପ୍ରବଳ ସମୁଦ୍ରଲହଡ଼ିର ପ୍ରକୋପରୁ ବଞ୍ଚେଇଛି। କେବେ ସେମିତି କିଛି ପ୍ରଳୟଙ୍କରୀ କ୍ଷୟକ୍ଷତି ହେଇନି ଏଅଞ୍ଚଳରେ," ପ୍ରୀତେଶ ଜୋର୍ ଦେଇ କହିଲେ। "କିନ୍ତୁ ଯେଉଁ ଅଞ୍ଚଳରେ ଲୋକମାନେ ବଣକାଟି ହୋଟେଲ ଗଢ଼ିଛନ୍ତି, ଚାଷଜମି କରିଛନ୍ତି ସେଠି ବହୁ କ୍ଷୟକ୍ଷତି ଘଟିଛି"।

"ତାଛଡା ହେନ୍ତାଳବଣ ଭିତରର ସ୍ଥିରପାଣି ହେଉଛି ମାଛମାନଙ୍କ ପ୍ରଜନନର ଏକ୍ତୁଡ଼ିଶାଳ, ଅଣ୍ଡାଦେବାସ୍ଥାନ," ରୁନୁ ଉତଫୁଲ୍ଲିତ ହୋଇକହିଲା। "ଲୋକମାନେ ବୁଝିବା ଉଚିତ ଯେ, ହେନ୍ତାଳବଣ ନାହିଁତ ନୂଆମାଛଙ୍କ ସୃଷ୍ଟିନାହିଁ"।

"ଆମଭିତରୁ ଅନେକ ମାଛଖାଇବା ବ୍ୟତୀତ ବଜାରରେ ବିକ୍ରିକରି ଜୀବିକାନିର୍ବାହ କରନ୍ତି। ଏଇ ଦି'ପହର ରୋଷେଇପାଇଁ ଚୁଲିରେ ଯେଉଁ କାଠ ଜଳୁଛି ତାହା ଆସିଛି ଶୁଖିଲା ହେନ୍ତାଳଗଛରୁ," ରୁନୁର ବାପା କଥାଯୋଡ଼ି କହିଲେ, "ହେନ୍ତାଳକାଠ ହେଉଛି ସବୁଠୁ ଭଲ ଜାଳେଣିକାଠ"।

"ପ୍ରକୃତରେ," ବିଜ୍ଞତାର ସହ କହିଲା ରୁନୁ, "ହେନ୍ତାଳବଣ ଆମର ପ୍ରତ୍ୟେକ ଆବଶ୍ୟକତାକୁ ପୂରଣ କରୁଛି। ଏହା ଆମକୁ ଖାଦ୍ୟ, ଔଷଧ, ବାସଗୃହ ସବୁକିଛି ଯୋଗାଇଦେଉଛି। ଖାଲି ଏତିକି ନୁହେଁ, ନାନା ଜାତିର ଜୀବଜନ୍ତୁଙ୍କର ବାସସ୍ଥାନ! ଆମ ଓଡ଼ିଶାର ଏହି ହେନ୍ତାଳବଣ ପାଇଁ ଆମେ ଗର୍ବିତ। ଆମ ଶିକ୍ଷକ କହୁଥିଲେ, ଭିତରକନିକା 'ରାମସର ସାଇଟ୍' ରୂପେ ଘୋଷିତ ହୋଇଛି, ଅର୍ଥାତ୍ ବିଶ୍ୱର ଏକ ଗୁରୁତ୍ୱପୂର୍ଣ୍ଣ ଆଦ୍ରଭୂମି ଭାବେ ମାନ୍ୟତା ପାଇଛି।"

ତୁ ଠିକ କହୁଛୁ ଝିଅ, ଶ୍ରୀ ଶାପୁର ପ୍ରଶଂସାକରି ମନ୍ତବ୍ୟ ଦେଲେ। ମୁଁ ବହୁତଖୁସି ଯେ ତୁମେ ମୋ ପୁଅକୁ ସାଙ୍ଗ କରିଛ। ଆମେ ଏଠିରହିବା ଭିତରେ ଜେହାନ୍ କୁ ତୋ ସାଥିରେ ନେଇ ଯେତେ ସମ୍ଭବ ବୁଲାଇ ଦେଖାଇପାରିବୁ? ମୁଁ ତାକୁ ତୋଦାୟିତ୍ୱରେ ଛାଡ଼ିଦେଲି। ସେ ତୋଠାରୁ ଅନେକକିଛି ଶିଖିବ। ମୁଁ ଭଲଭାବେ ଜାଣିଛି, ସେ ତୋସହ ଏଅଞ୍ଚଳ ବୁଲିଦେଖିବାକୁ ପସନ୍ଦକରିବ।

ଶ୍ରୀ ଶାପୁରଙ୍କ ଏଇ ପ୍ରସ୍ତାବରେ ଦୁଇଜଣଯାକ ଆନନ୍ଦରେ ଉଚ୍ଛୁଳିଉଠିଲେ। "ମୋର ତୁମକୁ ଆହୁରି ଅନେକ ପ୍ରକାରର ଚେର ଦେଖାଇବାର ଅଛି; ଉପରମୁଁହା ଚେର, ଦଉଡ଼ି ଭଳିଆ ଚେର, ବୁଢ଼ୀଲୋକର ବଙ୍କାଆଣ୍ଠୁପରି ଚେର ଇତ୍ୟାଦି!" ରୁନୁ ଅତି ଆଗ୍ରହରେ କହିଚାଲିଲା "ଏହାଛଡ଼ା ଏ ହେନ୍ତାଳବଣରେ ବସବାସ କରୁଥିବା ଜୀବଜନ୍ତୁମାନଙ୍କୁ ବି ତୁମେ ଏଯାଏଁ ଦେଖିନ"।

ଜେହାନ୍ ନିଜ ମନ ଭିତରେ ହେନ୍ତାଳ ଜଙ୍ଗଲର ପାଣିନାଳ ଆଉ ଜମିରହିଥିବା ଜୁଆର ଜଳରେ ଦେଖାଯାଉଥିବା ପୃଥିବୀ ପ୍ରସିଦ୍ଧ କୁମ୍ଭୀରମାନଙ୍କ କଥା ଭାବିଲା। ତାପାଦଠାରୁ ମୁଣ୍ଡ ପର୍ଯ୍ୟନ୍ତ ଶିହରଣ ଖେଳିଗଲା। ସେ କିନ୍ତୁ ଏକଥା ବଡ଼ମାନଙ୍କୁ କହିବାକୁ ସାହସ କଲାନି।

. . . ଏକ ଜଙ୍‌ଗଲ ଘଞ୍ଚ, ଅନ୍‌ଧାର ଏବଂ ଅନନ୍ୟ,

ପାଣିରୁ ବଢୁଛି ମାଂଗୋର୍‌ଭ୍

ଏହାର ମୂଳ ବିଭିନନ୍ ପର୍‌ଜାତିକୁ ଆଶର୍‌ୟ ଦେଇଥାଏ ଏବଂ

ଲୋକଙ୍‌କୁ ସୁରକ୍‌ଷା ଦିଅନ୍ତୁତ୍ ଏବଂ ଅଭାବୀ ଲୋକଙ୍‌କୁ ସାହାଯ୍ୟ କରନ୍ତୁତ୍ . . .

ଆପଣ ଜାଣନ୍ତିତ୍ କି?

ସୁନ୍‌ଦରବନ - ବିଶ୍‌ୱର ସବର୍‌ବୃହତ ମେନଗୋର୍‌ଭ୍ ଅଞ୍ଚ୍‌ଚଳ ଭାରତ ଏବଂ ବାଂଲାଦେଶ ମଧ୍ୟ୍‌ରେ ଅବସ୍‌ଥିତ । ସୁନ୍‌ଦରବନର ନାମ 'ସୁନ୍‌ଦରୀ' ଗଛରୁ ଆସିଛି, ଯାହା ଏହି ଅଞ୍ଚ୍‌ଚଳର ସବୁଠାରୁ ପର୍‌ଚୁର ମାଂଗୋର୍‌ଭ୍ ପର୍‌ଜାତି!

ଓଡ଼ିଶାର ଭିତରକନିକା ମାଂଗୋର୍‌ଭ ବାର୍‌ହମ୍‌ଣୀ ଓ ବୈତରଣୀ ନଦୀର ଡେଲ୍‌ଟାରେ ଅବସ୍‌ଥିତ ଏବଂ ଏହା ଏକ ଜେନେଟିକ୍ ସ୍‌ୱଗର୍, କାରଣ ଏଠାରେ ଏକ ବିଶାଳ ପର୍‌ଜାତିର ଜୈବ ବିବିଧତା ରହିଛି ।

ଅନେକ ପର୍‌କାରର ଜୀବଜନ୍ତୁତ୍ ରହିବା ସହ ଜଳବାୟୁ ପରିବତର୍‌ତ୍‌ନକୁ ହାର୍‌ସ କରିବାରେ ମଧ୍ୟ୍ ସହାୟକ ହୋଇଥାଏ । ଏମାନେ ବଡ଼ ଲହରୀ ଓ ପବନକୁ ବାଧା ଦେଇ ଶକିତ୍‌ଶାଳୀ ଝଡ଼ରୁ ଲୋକଙ୍‌କୁ ରକ୍‌ଷା କରିଥାନିତ୍। ଏଥିରେ କାବର୍‌ନ ମଧ୍ୟ୍ ସଂରକ୍‌ଷିତ ରହିଥାଏ। ପୃଥିବୀକୁ ଗରମ କରୁଥିବା ଗୀର୍‌ନହାଉସ୍ ଗ୍ୟାସକୁ ନିୟନତ୍‌ର୍‌ଣ କରିବା ପାଇଁ ଏହା ଜରୁରୀ !

CROSSWORD

ଇଂରାଜୀରେ ଉତ୍ତର ଦିଅନ୍ତୁ



ବାମରୁ ଡାହାଣ

[2] କାଠ ପୋଡ଼ି ତିଆରି କଳା ପଦାର୍ଥ

[4] ବିଶେଷ ଚେର ଯାହା ଜଳମଗ୍ନ ଗଛକୁ ନିଶ୍ୱାସ ନେବାରେ ସାହାଯ୍ୟ କରେ

[6] ପଞ୍ଝା ଥିବା ଏକ ପାରଣୀ

ବାମରୁ ଡାହାଣ

[1] ଜୁଆର ପାଣିରେ ବଢିପାରୁଥିବା ଗଛ

[3] ଭିତରକନିକାରୁ ମିଳିଲା ବଡ଼ ସରୀସୃପ

[5] ମାଟିରେ ଚାଲିପାରୁଥିବା ମାଛ!

ଉତ୍ତର:

1. MANGROVE
2. CHARCOAL 5.
3. CROCODILE
4. PNEUMATOPHORE
5. MUDSKIPPER
6. CRAB

ଏକ ରୋମାଞ୍ଚପୂର୍ଣ୍ଣ ରାତି

ଜେହାନ୍, ଶ୍ରୀ ଶାପୁର ଓ ପ୍ରୀତେଶ ଫରେଷ୍ଟ ଗେଷ୍ଟହାଉସ୍ ଅଭିମୁଖେ ବାହାରିଲାବେଳକୁ ଦିନ ସରିଆସୁଥିଲା ଓ ସନ୍ଧ୍ୟାକାଳୀନ ଆକାଶ ଦିଶୁଥିଲା ଗାଢ଼ନାଲି ବର୍ଣ୍ଣରେ। "ରାମସର ସାଇଟ କଣ, ପାପା?" ଜେହାନ୍ ହଠାତ୍ ଶ୍ରୀ ଶାପୁରଙ୍କୁ ପଚାରିଲା। "ଭିତରକନିକାକୁ ରାମସର ସାଇଟ୍ ର ମାନ୍ୟତା ମିଳିଛି ବୋଲି ରୁନୁ ଆଜି ଅପରାହ୍ନ ସମୟରେ କହୁଥିଲା"।

"ଏହା ଗୋଟିଏ ଆଦ୍ରଭୂମି ବା ବିଶାଳ ସନ୍ତସନ୍ତିଆ ଅଞ୍ଚଳ, ଯାହା ଏହାର ଜୈବ ବିବିଧତା ଓ ଅନ୍ୟାନ୍ୟ ବିଶେଷତା ପାଇଁ ସମଗ୍ରବିଶ୍ୱରେ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ରୂପେ ବିବଚେିତ," ଶ୍ରୀ ଶାପୁର ବୁଝାଇଦେଲେ। "ଏହିସ୍ଥାନସବୁ ରାଜ୍ୟସରକାରଙ୍କ ଦ୍ୱାରା ରାମସର୍ ସାଇଟ୍ ର ମର୍ଯ୍ୟାଦା ପାଇବା ନିମନ୍ତେ ପ୍ରସ୍ତାବିତ ଓ ମନୋନୀତ ହୋଇଥାଏ। ଭାରତ ସରକାରଙ୍କ ପରିବେଶ, ଜଙ୍ଗଲ ଏବଂ ଜଳବାୟୁ ପରିବର୍ତ୍ତନ ମନ୍ତ୍ରାଳୟ ରାଜ୍ୟସରକାରଙ୍କ ମନୋନୟନକୁ ରାମସର ସେକ୍ରେଟାରିଏଟ୍ କୁ ପଠାଏ"।

"ଆଉ ସେକ୍ରେଟାରିଏଟ୍ ଏହି ଜଳାଭୂମିକୁ ରାମସର୍ ସାଇଟ୍ ଘୋଷଣାକରେ," ମହତ୍ତ୍ୱପୂର୍ଣ୍ଣ କଥାଟିଏ ଭଳି କହିଲା ଜେହାନ୍।

ଗେଷ୍ଟହାଉସର ଗାଡିପାର୍କିଂ ସ୍ଥାନ ପାଖ ହୋଇଆସିବାରୁ ପ୍ରୀତେଶ ଗାଡ଼ିର ଗତି ମନ୍ଥର କଲେ। ହଳେପକ୍ଷୀ ମୁଣ୍ଡଉପରେ ଚକ୍କର କାଟି ଖୁବ୍ ଜୋରରେ ରାବୁଥିଲେ। ଜେହାନ୍ କୁ ସେମାନଙ୍କର କର୍କଶ ରାବ ଡାଆଣିଚିରୁଗୁଣିଙ୍କ କିଳିକିଳା ହସଭଳି ଲାଗୁଥିଲା। ସେ ତା ବାଇନୋକୁଲାରରେ ସେ ଯୋଡ଼ିଙ୍କୁ ନଜର କରିବାକୁ ଚେଷ୍ଟାକଲା। ପ୍ରିତେଶ କହିଲେ "ସେମାନେ ହେଉଛନ୍ତି ଧଳାପେଟିଆ ସମୁଦ୍ର ଇଗଲ୍, ଦିନର ଶେଷ ଆହାର ଖୋଜିବା ପାଇଁ ଉଡୁଛନ୍ତି, ଏହି ଆଶାରେ କି ପାଣିନାଳରୁ କାଳେ କିଛି ମାଛଫାଛ ମିଳିଯିବ"।

ସୂର୍ଯ୍ୟ ଦୂର ଦିଗବଳୟରେ ଅପସରି ଯାଉଥିଲେ ଓ ଚତୁର୍ଦିଗରେ ରାତିର ଅନ୍ଧାର ପ୍ରସାରିତ ହୋଇଚାଲିଥିଲା।

"ହେଇ, ଦେଖ ସେ ଲାଇଟସବୁ କଣ?" ତାଙ୍କ ଜିପ ମୋଡ଼ ନେଉଥିବା ଦିଗରୁ ଅନ୍ଧାର ଭିତରୁ ଅନତିଦୂରରେ ଅନେକଗୁଡିଏ ସବୁଜ ଉଜ୍ଜ୍ୱଳ ଆଲୋକ ଉପରେ ନଜର ପଡ଼ିଲାରୁ ଜେହାନ୍ ପଚାରିଲା। "ସେଗୁଡ଼ିକ ଭିତରୁ କିଛି ଆଲୁଅ ତଳଉପରହୋଇ ନାଚୁଥାନ୍ତି। ସେସବୁ କଣ ଜୁଳୁଜୁଳିଆପୋକ?" ଚକିତହୋଇ ଜେହାନ୍ ପଚାରିଲା।

ତା ପାପା କିଛି ଉତ୍ତରଦେବା ଆଗରୁ ସେମାନଙ୍କ ଜିପ ସେଇ ଆଲୁଅଗୁଡ଼ିକ ପାଖରେ ପହଞ୍ଚିଯାଇଥିଲା। ସେତେବେଳେ ଜେହାନ୍ ଜାଣିପାରିଲା ଯାହାକୁ ସେ ଉପରତଳ ହେଉଥିବା ଆଲୋକ ବୋଲି ଭାବିଥିଲା ତାହା ଠିକ ନୁହେଁ, ସେମାନେ ରାସ୍ତାପାର କରୁଥିବା ଦଳେ ଚିତଳ ହରିଣ।

ସେ ଦେଖୁଥିବା ଲାଇଟଗୁଡ଼ିକ ଜିପ୍‌ରୁ ଯାଇ ହରିଣମାନଙ୍କ ଆଖିରେ ପ୍ରତିଫଳିତ ହୋଇ ଆସୁଥିଲା। ରାତିର ଅନ୍ଧକାର ଭିତରେ ସେସବୁ ରହସ୍ୟପୂର୍ଣ୍ଣ ଲାଗୁଥିଲା। ଗୋଠ ଭିତରେଥିବା କୌତୁକିଆ ଛୁଆହରିଣଟି ବେଶ୍ ଖୁସିରେ ଡେଇଁଡେଇଁ ଚାଲୁଥାଏ।

“ଅନେକ ପଶୁଙ୍କର ବିଶେଷକରି ରାତ୍ରିଚର ପଶୁମାନଙ୍କର ଡୋଳାପଛପଟେ ଏକ ଚିକ୍କଣ ଆସ୍ତରଣ ଥାଏ, ଯାହା ଆଇନାଭଳି କାର୍ଯ୍ୟକରେ ଏବଂ ଅତିକ୍ଷୀଣ ଆଲୋକକୁ ବି ପ୍ରତିଫଳିତ କରିପାରେ। ଏଇ ଶାରୀରିକ ବ୍ୟବସ୍ଥା ସେମାନଙ୍କୁ ଅନ୍ଧାରରେ ଚଳପ୍ରଚଳ ହେବାରେ ସାହାଯ୍ୟ କରିଥାଏ,” ଶ୍ରୀ ଶାପୁର ଜେହାନ୍ କୁ ବୁଝାଇଦେଲେ।

ଠିକ୍ ଏହା ପରେପରେ ଜଳୁଥିବା ନିଆଁଭଳି ସ୍ୱର୍ଣ୍ଣିମ ଆଖିଥିବା ଗୋଟେପେଚା ନିକଟସ୍ଥ ଗୋଟେ ବୁଢ଼ା ପଳାଶଗଛର କୋରଡ ଭିତରୁ ମୁହଁ ଦେଖାଇଲା। ନିଜକୁ ସମ୍ପୂର୍ଣ୍ଣ ଭାବେ ଦେଖାଇବା ପାଇଁ ସେଇ ରାତ୍ରୀଚର ତାର ବେକକୁ ଘଣ୍ଟାକଣ୍ଟା ବୁଲିବା ଦିଗରେ ତଥା ଏହାର ବିପରୀତ ଦିଗରେ ପୂରା ୧୮୦ଡିଗ୍ରୀ ଯାଏଁ ବୁଲାଇଲା, ସତେ ଯେମିତି ସେ ନିଜକୁ ସମ୍ପୂର୍ଣ୍ଣ ଭାବେ ଦେଖାଇବାକୁ ଚାହୁଁଥିଲା। ଶ୍ରୀ ଶାପୁର ପ୍ରିତେଶଙ୍କୁ ଅଟକିବାକୁ ସଂକେତ ଦେଲେ। “ଏଇଟା ହେଉଛି କଲାର୍ଡ ସ୍କୋପ୍ସ ପେଚା”, ପାପା ଜେହାନ୍ ର କାନପାଖରେ ଫୁସଫୁସ୍ କରିକହିଲେ। ପେଚାର ବଡ଼ବଡ଼ ସୁନ୍ଦର ଆଖି ଓ ଲମ୍ବାଳିଆ କାନ ଉପରକୁ ଉଠିଥିବା ପରଗୁଚ୍ଛ ଜେହାନ୍ କୁ ବିସ୍ମିତକଲା।

“ତାର ଥଣ୍ଟରୁ ଝୁଲିରହିଥିବା ସେ କଳାରଙ୍ଗର ଜିନିଷଟା କଣ?” ଜେହାନ୍ ସେମିତି ଚୁପ୍ ଚୁପ୍ କରି ପାପାଙ୍କୁ ପଚାରିଲା।

“ଦେଖିବାକୁତ ଜଙ୍ଗଲୀମୂଷାର ଲାଞ୍ଜ ଭଳିଲାଗୁଛି। ପେଚାମାନେ ତାଙ୍କର ଶିକାରକୁ ପୁରାଗୋଟା ଗିଳିଦିଅନ୍ତି। ପାକସ୍ଥଳୀରେ ହଜମ କରିସାରିଲାପରେ ହଜମ ହୋଇନଥିବା ପଞ୍ଝା, ରୁମକୁ ଗୁଳା ଆକାରରେ ବାନ୍ତିକରି ଦିଅନ୍ତି।”

“କି ବିଚିତ୍ର ଖାଇବା ପଦ୍ଧତି ସତରେ,” ଜେହାନ୍ ଆଶ୍ଚର୍ଯ୍ୟ ହୋଇକହିଲା।

କିଛିକ୍ଷଣପରେ, ବାନୋକୁଲାରରେ ତାକୁ ଦେଖୁଥିବା ଲୋକଙ୍କ ସୁରାକ ପାଇ ଓ ସେମାନଙ୍କୁ ସନ୍ଦେହକରି ଖୁବ ଜୋରରେ ପ୍ରତିବାଦ ସୂଚକ ହୁଉଉ......ହୁଉଉ ଶବ୍ଦକଲା। ଜେହାନ୍ ର ଦେହ ପେଚାଟାର ଏପ୍ରକାର ରାବରେ ଶୀତେଇଗଲା। ତାପରେ ପକ୍ଷୀଟା ମୁହଁକୁ ସାମାନ୍ୟ ବୁଲାଇ ସତେ ଯେମିତି ତା ପିତଳ କାନରେ କିଛି ଶବ୍ଦ ଶୁଣିବାର ଢଙ୍ଗ ଦେଖାଇଲା, ତାପରେ ତାର ବିରାଟଡେଣା ମେଲାଇ ନିଶବ୍ଦରେ ଉଡ଼ିଗଲା।

ପେଚାକୁ ମନଭରି ଦେଖିସାରିଲାପରେ ସେମାନଙ୍କ ଜିପ ଧୀରେ ପାର୍କିଂ ସ୍ଥାନ ଆଡ଼କୁ ବୁଲିଲା। ମାତ୍ର ପ୍ରୀତେଶ ହଠାତ୍ ଜିପ ବନ୍ଦକଲେ। ତାପରେ ଆସୁଥିବା ଶବ୍ଦକୁ କାନେଇ ଗୁଣୁଗୁଣୁହୋଇ କହିଲେ, ବୋଧହୁଏ ମୁଁ ନାଇଟଜାର (ରାତ୍ରିଚର ପକ୍ଷୀ) ବୋବେଇବାର ଶୁଣିଲି।

ଜେହାନ୍ ଶିହରିତ ହୋଇ କ୍ଷୀଣସ୍ୱରରେ କହିଲା କେଉଁଠି, କଣ?

ଶ୍ରୀ ଶାପୁର କଥାଯୋଡ଼ି କହିଲେ, "ଆଚ୍ଛା! ଯଦି ପକ୍ଷୀଟି ପ୍ରକୃତରେ ସେଠିଥାଏ ଆଉ ଆମ ଜିପ ଆସିବାର ସୁରାକ ପାଇଥିବ, ତେବେ ଆମେତାକୁ ସେଠିଦେଖିପାରିବାନି। ସେ ଯାହାହେଉନାକାହିଁକି, ନାଇଟଜାର ଶତ୍ରୁ କବଳରୁ ରକ୍ଷାପାଇବାପାଇଁ ସ୍ଥାଣୁହୋଇ ବସିଯାଏ ଏବଂ ତାର ମାଟିଆ ରଙ୍ଗର ପର ତାକୁ ଛଦ୍ମାବରଣ ଭିତରେ ଲୁଚିଯିବାରେ ସାହାଯ୍ୟକରେ, ଯାହାଫଳରେ ଶତ୍ରୁ ତାକୁ ସହଜରେ ଧରିପାରିବନି"। ବେକାରଟାରେ ନାଇଟଜାର ଅପେକ୍ଷାରେ କିଛିସମୟ ଅତିବାହିତ କରିବାପରେ ଜିପ ଇଞ୍ଜିନ ପୁଣି ଚାଲୁହେଲା ଓ ସେମାନେ ଫରେଷ୍ଟ ଗେଷ୍ଟହାଉସ କୁ ଫେରିଆସିଲେ।

ଜେହାନ୍ ବି କ୍ଲାନ୍ତ ହୋଇପଡିଥିଲା, ଯଦିଓ ଦିନଟି ଭାରି ଆମୋଦପ୍ରଦ ଥିଲା। ଭୋକ ନଲାଗୁଥିଲେବି ଅଳ୍ପ ଟିକେ ଖାଇଦେଇ ସେ ଶେଜଉପରେ ଲମ୍ବ ହୋଇପଡିଗଲା। ଆଖିବନ୍ଦକରିବାକୁ ଯାଉଛି, ଆଶ୍ଚର୍ଯ୍ୟକରଭାବେ ତାଆଖିପଡିଲା ସେଆଗରୁ ଦେଖିନଥିବା ଗୋଟେ ପ୍ରାଣୀ ଉପରେ। ସେଇଟା ନେଉଳ ଓ ବିରାଡ଼ିର ମଝିମଝିଆ ଗୋଟିଏ ଜୀବଭଳି ଦେଖାଯାଉଥିଲା। ଜୀବଟା ଝରକା ସେପଟର ତାରଜାଲିରେ ଓହଳି ତାଆଡ଼କୁ କୁତୁହଳୀ ହୋଇ ଚାହୁଁଥିଲା। ପୂର୍ଣ୍ଣିମାରାତିର ତୋଫା ଜହ୍ନକିରଣ ତାଉପରେ ପଡ଼ିଥିବାରୁ ସିଏଗୋଟେ ରୁପେଲି ଛାୟାମୂର୍ତ୍ତି ପରି ଦିଶୁଥିଲା। ଜେହାନ୍ ସ୍ତମ୍ଭୀଭୂତ ହୋଇଗଲା। ତାଦିନର ଦୁଃସାହସିକ ଅଭିଯାନ ତଥାପି ଶେଷ ହୋଇନଥିଲା। "ଏଇଟାତ କଦାପି ନେଉଳ ନୁହେଁ," ସେ ଭାବିଲା। ବୋଧେ ଇଏ ଶାଳିଆପତନି। ହଁ, ଏଇଟା ଠିକ୍। ଏଇ ଅଞ୍ଚଳରେ ଏମାନେ ଦେଖାଯାନ୍ତି ବୋଲି ପାପା ତାକୁ କହିଥିଲେ। ଯଦି ପ୍ରାଣୀଟା ତାରଜାଲି କାମୁଡି ଛିଣ୍ଡେଇ ଭିତରକୁ ପଶିଆସେ? ଜେହାନ୍ ଭାବିଲା, ସେ ପାପାଙ୍କୁ ଡାକିଉଠାଇବ କି ନାହିଁ? ଦ୍ୱନ୍ଦରେ ଏତିକି ଭାବିଛି, ସେଦେଖିଲା ଶାଳିଆପତନିଟା ଖାଲି ଜିଜ୍ଞାସୁ ହୋଇ ତାକୁ ଶାନ୍ତ ଓ ଅବିଚଳିତ ଭାବେ ଚାହିଁରହିଛି। ଲାଗୁଥିଲା ନିରୀହ। ତାର ଚିନ୍ତାସବୁ ମନରୁନଯାଉଣୁ, ପାଖରେ କେଉଁଠାରୁ ପବନରେ ଭାସିଆସିଲା କାହାର ରଡ଼ି। "ଗୋଟେ ବିଲୁଆ," ଜେହାନ୍ ଭାବିଲା। ତାଦେହ ଶିରିଶିରି ହୋଇଗଲା, ଶାଳିଆପତନିଟା ବି ଅନ୍ଧାର ଭିତରେ କୁଆଡ଼େ ହଜିଗଲା। ଜେହାନ୍ ଆଖିବୁଜି ନିଦର ରାଇଜଭିତରେ ହଜିଗଲା।

. . . ରାତିର ପାର୍‌ଣୀ, ଆକାଶ ଆଲୋକ ବୋହିଲେ ବାହାରକୁ ଆସ

ଶାନତ୍ ଜଙ୍‌ଗଲ ଏହି ଦୃଶୟ୍ ଦେଖୁଛି, ସୁବର୍‌ଣର୍ ଆଖି ଗଛରୁ ଦେଖୁଛି

ନୀରବ ପଙ୍‌ଖା, ମୂଷା ଆଡ଼କୁ ଝୁଲୁଛି,

ଆଖି ଉଜ୍‌ଜ୍‌ୱଳ ଥିବା ରାତିର ଜୀବ ....

ଚିତ୍‌କାର କରିବା, ଚୁକ୍-ଚୁକିଂ, କାନ୍‌ଦିବା, ଚିତ୍‌କାର କରିବା,

ଦୁନିଆ ଶୋଇଥିବା ବେଳେ ଏକ ନିଶାଚର ଗୀତ . . .

ସେଦିନ ରାତିରେ ଜେହାନ୍ ସ୍ୱପ୍ନଦେଖିଲା କେନ୍ଦ୍ରାପଡାରେ ଭୟଙ୍କର ଘୁର୍ଣ୍ଣିଝଡ଼ ହୋଇଛି। ସାଇଁସାଇଁ ପବନଗର୍ଜୁଛି, ମୁଷଳଧାରାରେ ବର୍ଷା ଚାଲିଛି। ରୁନୁ ଓ ସେ ପ୍ରକୃତିର ଏହିଭୟଙ୍କର ଦୁର୍ବିପାକ କବଳରୁ ରକ୍ଷାପାଇବାକୁ ହଣ୍ଟିଂଟାୱାର ଉପରକୁ ଚଢ଼ିଯାଇଛନ୍ତି। ହେଲେ ସେମାନଙ୍କୁ ଆଦୌ ଭୟକରିବାର ନଥିଲା। ସେମାନେ ଆଶ୍ୱସ୍ତହେଲେ, କାରଣ ବତାସପବନକୁ ରୋକିବା ପାଇଁ ହେନ୍ତାଳବଣ 'ସବୁଜସେନାନୀ' ରେ ପରିଣତ ହୋଇଯାଉଛନ୍ତି। ଯଦିଓ ଚେରରେ ମାଟିକୁ ଜାବୁଡିଧରି ସେମାନେ ଗୋଟିଏ ସ୍ଥାନରେ ଠିଆ

ହୋଇଛନ୍ତି, ମାତ୍ର ଜୀବନ୍ତ ଢାଲଭଳି କେନ୍ଦ୍ରାପଡ଼ାକୁ ସୁରକ୍ଷା ଦେଉଛନ୍ତି ବାତ୍ୟାପବନ ଓ ସାମୁଦ୍ରିକ ଢେଉର ପ୍ରକୋପରୁ। ସେମାନେ ତାଙ୍କ ଶାଖାପ୍ରଶାଖା ଓ ଠେସଚେରକୁ ପ୍ରସାରିତ କରିଦେଇଛନ୍ତି। କେନ୍ଦ୍ରାପଡା ଭିତରକୁ ଘୁର୍ଣ୍ଣିବାତ୍ୟାକୁ ପଶିବାକୁ ଦେଉନାହାନ୍ତି, ମୁଲକକୁ ନିରାପଦରେ ରଖିଛନ୍ତି। ଏଇ ଭୀଷଣ ଝଡ଼ବତାସର ପ୍ରଭାବରୁ ରକ୍ଷାପାଇ ନିରାପଦରେ ଥିବାହେତୁ ଗ୍ରାମବାସୀମାନେ ଭୋଜିଭାତକରି ହେନ୍ତାଳବଣର ବିଜୟପର୍ବ ପାଳନକରୁଛନ୍ତି। ଗାଁରସବୁ ସ୍ତ୍ରୀଲୋକମାନେ ମିଶି ଗୋଟେ ବଡକଡ଼େଇରେ କାଦୁଅଡିଆଁମାଛର ତରକାରୀ ରାନ୍ଧୁଛନ୍ତି। ତରକାରୀର ଅପୂର୍ବବାସ୍ନା ପବନରେ ଚାରିଆଡ଼େ ଖେଳିଯାଉଛି, ଧନ୍ୟବାଦ ସେଇ କେତକୀ ପତ୍ରକୁ, ଯୋଉଟା ପଡିବାରୁ ତରକାରୀଟା ବାସୁଛି ମହମହ। “ବହୁତ ସୁଆଦିଆ ହେଇଚି ତରକାରୀଟା,” ଜୋରରେ ପାଟିକଲା ଜେହାନ୍।

ହଁ, ତୋପାଇଁ ବଢ଼ିଆ ଜଳଖିଆ ପ୍ରସ୍ତୁତ ହୋଇସାରିଛି, ନିଦରୁ ଉଠେଇବାଲାଗି ଆସ୍ତେଆସ୍ତେ ହଲେଇଦେଇ ବାପା କହିଲେ। ତୁ କଣ ଖାଇବା ଜିନିଷର ସ୍ୱପ୍ନ ଦେଖୁଥିଲୁକି?

ଆପଣ ଜାଣନିତ୍ କି?

କେନ୍ଦାର୍ପଡ଼ା ଜିଲାଲ୍ବାସୀ ଏହି ମେନଗୋର୍ଭ ଜଙ୍ଗଲ ପାଇଁ ବହୁ ଋଣୀ। ବାତୟ୍‌ାରୁ ଏହି ଅଞ୍ଚ୍ଚଳକୁ ରକ୍ଷା କରିବା ପାଇଁ ଯେଉ ଅଞ୍ଚ୍ଚଳରେ ହେଣ୍ଟାଲ ଗଛ ପଡ଼ିଛି ସେଠାରେ ବୃକ୍ଷରୋପଣ କରାଯାଉଛି

ବିପଦ ମୁହଁରେ

"ମୁଁ ଚାହୁଁଛି ତୁ ଜଳଖିଆଖାଇ ପ୍ରସ୍ତୁତ ହୋଇ ଯା। ହେନ୍ତାଳବଣ ଭିତରକୁ ନେଇଯିବାପାଇଁ ମୁଁ ଗୋଟେଡଙ୍ଗାର ବ୍ୟବସ୍ଥା କରିଛି। ପାଣି ଭିତରେ ଯିବା ବାଟରେ ଅନେକ ପ୍ରକାରର ଗଛଲତା ଓ ସେଠାର ଜୀବଜନ୍ତୁଙ୍କୁ ଆମେ ଭଲଭାବେ ଦେଖିପାରିବା," କହିଲେ ଶ୍ରୀ ଶାପୁର।

ଗେଷ୍ଟ ହାଉସ୍ କ୍ୟାଣ୍ଟିନ୍ ର ରୋଷେୟା ଚନ୍ଦୁ ବନେଇଥିବା ଚୁଡାସନ୍ତୁଳାକୁ ପାଟିରେ ପୁରାଉପୁରାଉ ଜେହାନ୍ ଆନନ୍ଦରେ ପାଟିକଲା, "ୟିପି...! ଆଜିର ଯାତ୍ରାରେ ରୁନୁବି ଆମସହ ଯିବତ? ଡଙ୍ଗାରେ ଖାଇବାପାଇଁ ଆମେ ପ୍ୟାକେଟ ଖାଦ୍ୟ ନେଇଯିବା ନା? ଆଚ୍ଛା, ଆମେ କଣ ସେଠି ସାରାଦିନ ରହିବା?" ପ୍ରବଳ ଉତ୍କଣ୍ଠାରେ ବାପାଙ୍କୁ ପ୍ରଶ୍ନରେ ପୋତିପକାଇଲା ସେ।

"ରହରହ ଏକାବେଳେକେ ନୁହଁ, ଗୋଟିଏ ଗୋଟିଏ ପଚାର। ତୁ ଯଦି ଏକାଥରେ ସବୁ ପଚାରିଦେବୁ, ତେବେ ମୋ ମୁଣ୍ଡ ବୁଲାଇଦେବ," ଶ୍ରୀ ଶାପୁର କହିଲେ ମଜାରେ। "ହଁ, ରୁନୁ ଆମ ସହିତଯିବ, କାରଣ ତାସ୍କୁଲ ଏବେ ଛୁଟିଅଛି। ଚନ୍ଦୁ ପୁରି ସାଙ୍ଗକୁ ଚୁଙ୍ଗୁଡ଼ିଆଚାର ତିଆରି କରିସାରିଛି। କିନ୍ତୁ ସେସବୁ ଆମେ ଏଇଠି ଖାଇକି ଯିବା। ଏଭଳି ଖାଦ୍ୟପଦାର୍ଥ ବଣଭିତରକୁ ନେଇଯିବା ଠିକ ହେବନି," ଜେହାନ୍ ବୁଝିଗଲାଭଳି ମୁଣ୍ଡ ହଲେଇଲା। ଏବେ ତୋଶେଷ ପ୍ରଶ୍ନର ଉତ୍ତର ହେଉଛି, ସବୁକିଛି ନିର୍ଭର କରୁଛି ବ୍ରାହ୍ମଣୀନଦୀ ଚତୁଃପାର୍ଶ୍ୱରେ ହେନ୍ତାଳବନର ଗଛଲତା ଓ ଜୀବଜନ୍ତୁଙ୍କୁ ନେଇ ମୋର ଅନୁଧ୍ୟାନର ଦସ୍ତାବିଜ ସରିବା ଉପରେ। ଯଦି ଆଜିନସରେ, ତେବେ ଆମେ ଆଉଦିନେ ଯିବା।

ଜଲଦିଜଲଦି ଜେହାନ୍, ରୁନୁ, ଶ୍ରୀ ଶାପୁର ଓ ପ୍ରୀତେଶ ଲାଇଫ ଜ୍ୟାକେଟ ପିନ୍ଧି ବୋଟରେ ବସିଲେ। ଦିନଟିକୁ ନେଇ ମନରେ ସୃଷ୍ଟି ହେଉଥାଏ ପ୍ରବଳ ଉତ୍ସାହ, ଅନେକଆଶା। ନାଉରିଆ ପତଳା ହେଲେବି ବେଶ ଶକ୍ତିଶାଳି ଲୋକ। ଲଙ୍ଗରଉଠାଇ ଡଙ୍ଗାବାହିବା ଆରମ୍ଭ କରିଦେଲା। ତା ସହାୟକ ଜଣକ ମଙ୍ଗଧରିଲା। ସ୍ଥାନର ପରିବେଶକୁ ମିଶିଗଲା ଭଳି ପୋଷାକ ପିନ୍ଧିବ ବୋଲି ଜେହାନ୍ ଆଗରୁ ସ୍ଥିର କରିଥିବାରୁ ବାଦାମୀ ରଙ୍ଗର ଢିଲା ଟି-ସାର୍ଟ ସାଙ୍ଗକୁ ସବୁଜରଙ୍ଗର ସୁତାପ୍ୟାଣ୍ଟ ପିନ୍ଧିଥିଲା।

ଗତଥର ବାପାଙ୍କ ସହ ଜଙ୍ଗଲ ବୁଲିବାହାରିଲା ବେଳକୁ ବାପା ତାକୁ କହିଥିଲେ, ସବୁଠୁଭଲ ହେଉଛି ଜଙ୍ଗଲୀରଙ୍ଗର ପୋଷାକ ପିନ୍ଧିବା; ଯଥା ବାଦାମୀ ଓ ସବୁଜ କିମ୍ବା ମାଟିଆ ଓ କଳାରଙ୍ଗର। ଏବଂ ସେଣ୍ଟ କିମ୍ବା ଅତର ବ୍ୟବହାର ନକରିବା ସହିତ ହାତଗୋଡସବୁ ଆବୃତ୍ତରଖିବାକୁ କୁହାଯାଇଥିଲା। ଜଙ୍ଗଲ ଭିତରକୁ ଯିବାକୁହେଲେ ଏହାହେଉଛି ପ୍ରାଥମିକ ସତର୍କତା, ଯାହାଦ୍ୱାରା ବଣଜନ୍ତୁ ଆକର୍ଷିତହୋଇ ପାଖକୁ ଆସିଯିବେନି କି ଡରକି ଯିବେନି।

ଜାଣିଶୁଣି ସେ ଷ୍ଟାଇଲିସ ଟୋପି ପିନ୍ଧିନଥିଲା। ପିନ୍ଧିଥିଲା କଳାଟୋପି। କିନ୍ତୁ ସେ ବଡ଼ ଆଶ୍ଚର୍ଯ୍ୟ ହୋଇଗଲା ଯେତେବେଳେ ସିଏ ଦେଖିଲା, ଦିନତମାମ ନଦୀଭିତରେ ଖରାରୁ ବର୍ତ୍ତିବା ପାଇଁ ରୁନୁର ମାଆ ଆମ ଦୁହିଁଙ୍କ ଲାଗି ନଳଘାସର ଦୁଇଟି ଟୋପି ତିଆରି କରିଛନ୍ତି। ଜେହାନ୍ ନିଜ ଟୋପି ବଦଳରେ ତୁରନ୍ତ ଘାସ ଟୋପିଟି ପିନ୍ଧିଲା।

"ବ୍ରାହ୍ମଣୀ ଆଉ ବୈତରଣୀ ବଙ୍ଗୋପସାଗରରେ ମିଶିବା ପୂର୍ବରୁ ତ୍ରିକୋଣଭୂମି ସୃଷ୍ଟିକରିଛନ୍ତି," ପ୍ରିତେଶ ବୁଝାଇଦେଲେ। ଏବେ ଆମେ ଖୁବ ଶୀଘ୍ର ଗୋଟିଏ ଯୋର ବା ନାଳୀଭିତରେ ପଶିବା, ଯାହାର କୂଳ ଧାଡ଼ିଧାଡ଼ିକା ହେନ୍ତାଳଗଛରେ ଭର୍ତ୍ତି। ଜେହାନ୍ ତା ବାଇନୋକୁଲାର ସହାୟତାରେ ଦୂରରେ ଦେଖିଲା ବିରାଟ ଓ ଘଞ୍ଚ ହେନ୍ତାଳବନ ଏବଂ ଗଛଗୁଡ଼ିକ ଉପରେଉଠିଥିବା ସେମାନଙ୍କର ଅସଂଖ୍ୟ ଚେରକୁ।

"ହଁ, ମୁଁ ସେସବୁ ଦେଖିପାରୁଛି," ସେ ସମସ୍ତଙ୍କୁ ଶୁଣାଇଲା ଭଳିକହିଲା। "ଶହଶହ ଖୁଣ୍ଟାଭଳି ଉପରକୁ ଉଠିଥିବା ଚେର, ଠେସଚେର, ବୁଢ଼ୀଚେର।"

"ବୁଢ଼ୀଚେର?" ଶ୍ରୀ ଶାପୁର ଆଶ୍ଚର୍ଯ୍ୟ ହୋଇପଚାରିଲେ।

ରୁନୁ ଖିଲଖିଲହୋଇ ହସିପକାଇଲା। "ମାନେ ସେକହୁଛି କମଳାରଙ୍ଗର ହେନ୍ତାଳଗଛ (ବ୍ରୁଗେରା)ର ଚେରକଥା, ଯାହାର ଚେରଟା ବୁଢ଼ୀଲୋକଙ୍କ ଆଣ୍ଠୁଭଳି ବଙ୍କା ହୋଇଯାଇଥିବ," ପୂର୍ବଦିନ ଦେଖାଇଥିବା ଭଳି ରୁନୁ ନିଜ ଆଣ୍ଠୁକୁ ବଙ୍କାକରି ବୁଝାଇଦେଲା। ଜେହାନ୍ ମଧ ଆଣ୍ଠୁକୁ ବଙ୍କାକରି ରୁନୁ କଥାର ସମର୍ଥନ କଲା। ଡଙ୍ଗା ଧୀରେଧୀରେ ଅଟକିଲା।

"ହେ, ହେ, ଆସ୍ତେଆସ୍ତେ ଓହ୍ଲାଅ ତୁମେ ଦୁହେଁ," କହିଦେଇ ବଡ଼ପାଟିରେ ହସିଲେ ଶ୍ରୀ ଶାପୁର। ଅନେକ ବୁଢ଼ୀଗୋଡ଼କରି ଚାଲିଲେ ଆମ ଡଙ୍ଗା ଓଲଟିଯିବ।

ପିଲାଦୁଇଜଣ ଓହ୍ଲାଇପଡ଼ି ଠିଆହେଲା ପରେ ଜେହାନ୍ ର ବାଇନୋକୁଲାରରେ ଚାରିଆଡ଼କୁ ବୁଲିବୁଲି ନଜର ପକାଇଲେ। "ହେଇଦେଖ, ଦେଖ! କେମିତିକା ଲମ୍ବାଥଣ୍ଟିଆ ମାଛରଙ୍କା, ବହୁତ ସୁନ୍ଦର ଦେଖାଯାଉଛି ନୁହେଁ," ରୁନୁ ଚିଲ୍ଲେଇ କରିକହିଲା।

ଜେହାନ୍ ଓ ଅନ୍ୟମାନେ ଅଭିଭୂତହୋଇ ତାକୁ ଚାହିଁ ରହିଥାନ୍ତି। ବାଦାମୀ ରଙ୍ଗରମୁଣ୍ଡ, ଗାଢ଼ନୀଳଡେଣା ଓ ଲାଞ୍ଜ ସହିତ ବାଦାମୀ-କମଳାରଙ୍ଗ ମିଶା ତଳିପେଟ ଥିବା ମାଛରଙ୍କା ତୀର ବେଗରେ କେମିତି ପାଣିରେ ବୁଡ଼ି କୁଶଳୀ ଶିକାରୀ ଭଳି ମାଛ ଧରୁଥିଲା! ଶେଷରେ ପାଇଥିବା ମାଛଟିକୁ ଥଣ୍ଟରେ ଧରି ମାଛରଙ୍କାଟି ଉଡ଼ିଗଲା ପାଣି ଉପରକୁ ଓହଳିଥିବା ଗଛଡାଳର ତା ବସିବାସ୍ଥାନକୁ। ଚଢ଼େଇର ମାଛ ଧରିବାର କୌଶଳ ଦେଖି ଆଁକରି ଚାହିଁରହିଲା ଜେହାନ୍। ମାଛରଙ୍କା ପ୍ରଥମେ ଧରିଥିବା ମାଛଟିକୁ ଡାଳରେ ପିଟିପିଟି ମାରିଦେଲା। ତାପରେ ମାଛଟାକୁ ଉପରକୁ ଫିଙ୍ଗି ପାଟିରେ ଧରିପକାଇ ମୁଣ୍ଡଆଡୁ ଗିଳିଦେଲା ଗୋଟାସୁଦ୍ଧା। ନାଉରିଆ ଆହୁଲାମାରି ଡଙ୍ଗା ଚଳେଇବା ଆରମ୍ଭକଲା ବେଳକୁ ଚଢ଼େଇଟା ଖାଇସାରି କେଁକେଁ ହୋଇ ବିଜୟର ରାବଦେଲା।

"ଆମେ କଣ ହେନ୍ତାଳବନ ଭିତରେ ଚାଲିପାରିବାନି?" କିଛିସମୟ ଛାଡ଼ି ପଚାରିଲା ଜେହାନ୍।

"ଏଇ ଧୂସର ହେନ୍ତାଳବଣରେ ମୁଁ ଏମିତି ଗୋଟେଜାଗା ଖୋଜୁଛି, ଯେଉଁଠି ମାଟିଉପରକୁ ଉଠିଥିବା ଖୁଣ୍ଟାଭଳି ଚେରସବୁ ନଥିବ," ଡଙ୍ଗାବାଲା କହିଲା। ତାହେଲେଯାଇ ତୁମେମାନେ ସହଜରେ ତା ଭିତରେ ଚାଲବୁଲ କରିପାରିବ। ଏଠି କିନ୍ତୁ ସେଇ ଚେରଗୁଡ଼ାକ ବେଶି ଦେଖାଯାଉଛି।

ଶେଷରେ ଏମିତିଗୋଟେ ଫାଙ୍କାଜାଗା ଆଉ ଜେଟି ମିଳିଗଲା, ଯେଉଁଠି ସେମାନେ ଲଙ୍ଗରପକାଇ ପାଣିକାଦୁଅ ଭର୍ତ୍ତି ସନ୍ତସନ୍ତିଆ ଜାଗା ତଥା ପୃଥିବୀର ଦ୍ୱିତୀୟ ବୃହତ୍ତ ହେନ୍ତାଳବନ ଭିତରକୁ ଯାଇପାରିବେ। ଡଙ୍ଗାବାଲା ନାଆରେ ଟିକେ ଢୁଳେଇବାକୁ ଇଚ୍ଛାକଲା, କିନ୍ତୁ ତାକୁ ସାହାଯ୍ୟ କରିବାକୁ ଆସିଥିବା ଲୋକସମେତ ଅନ୍ୟ ଚାରିଜଣ କଷ୍ଟେମଷ୍ଟେ ଓହ୍ଲାଇ ଆଗକୁ ଚାଲିଲେ।

ସନ୍ତସନ୍ତିଆ ଜାଗାରେ ଚିକିଟା ମାଟି ଯୋଗୁ ପ୍ରତିଟି ପଦକ୍ଷେପରେ ପାଦଦୁଇଟା ଓଜନିଆ ଲାଗୁଥାଏ। ପ୍ରୀତେଶ ଗୋଟେ ଧୂସର ହେନ୍ତାଳଗଛର ପତ୍ରଟିଏ ଛିଣ୍ଡାଇଲେ ଏବଂ ଜେହାନ୍ କୁ ଚାଟିବାକୁ କହିଲେ। ଜେହାନ୍ ଟିକେ କୁଣ୍ଠିତ ହେଲା, କାହିଁକି ନା ରୁନୁ ଓ ପ୍ରୀତେଶ ଦୁହେଁ ଦୁଷ୍ଟାମିର ହସ ହସୁଥିଲେ। "ଏହାକୁ ଚାଟିବାରେ କଣକିଛି ଚାଲାକି ଅଛିକି," ଜେହାନ୍ ପଚାରିଲା। କିନ୍ତୁ ସେ ଯେତେବେଳେ ଦେଖିଲା ବାପା ଦୁଷ୍ଟ ହସ ନହସି ଉତ୍ସାହଜନକ ଭାବେ ହସୁଛନ୍ତି, ତାପରେ ସେ ପତ୍ରଟିକୁ ଚାଟିଲା। "ମନ୍ଦ ନୁହେଁ, ଟିକିଏ ଯାହା ଲୁଣିଆ ଲାଗୁଛି," ସେ ମତଦେଲା।

"ତୁମେ ଭାବୁଥିବ ଏପତ୍ର କେଉଁଠୁ ଲୁଣପାଇଲା ଏଇଆ ନା," ରୁନୁ ପଚାରିଲା।

ଜେହାନ୍ ଚଟ୍ କିନା ଭାବିଦେଲା। "ମୁଁ ଜାଣିଛି ହେନ୍ତାଳଗଛର ଚେର ଏସବୁ ଲୁଣିପାଣି ଯୋର ବା ନାଳୀରୁ ଲୁଣ ଟାଣିଆଣିଛି। ଅତିରିକ୍ତ ଲୁଣକୁ ପତ୍ର ମାଧ୍ୟମରେ ବାହାରକରି ଦେଉଛି।"

"ଖୁବ୍ ବଢ଼ିଆ" ପ୍ରୀତେଶ ତାରିଫ କରିକହିଲେ। ଏବେ ତୁମେମାନେ ଏ ଘଞ୍ଚ ହେନ୍ତାଳବନ ଭିତରେ ମନୁଷ୍ୟକୃତ ଗୋଟେ ଚମତ୍କାରିତା ଦେଖିବା। ଏଇ ଆଖପାଖରେ କେଉଁଠି ଗୋଟିଏ ପ୍ରାଚୀନ ମନ୍ଦିରଅଛି। ଚାଲ ଖୋଜିବା, ଆଶା ମିଳିଯିବ।

ହେନ୍ତାଳବଣ ଭିତରଟି ଫର୍ଚ୍ଚାନଥିଲା, କାରଣ ଘଞ୍ଚ ଜଙ୍ଗଲର ପତ୍ରଗହଳଦେଇ ସୂର୍ଯ୍ୟକିରଣ ଭୂଇଁଉପରେ ପଡ଼ିପାରୁନଥିଲା। ସେମାନଙ୍କୁ ବହୁତ ସତର୍କତାର ସହିତ ପାଦ ବଢ଼ାଇବାକୁ ହେଉଥିଲା। ସାପଫାପ ଥିବାର ଆଶଙ୍କା ବି ଥିଲା। ଅନେକ ଗଛରେ ମହୁଫେଣାମାନ ଝୁଲୁଥିଲା।



“ଡରିବାର କିଛିନାହିଁ। ମହୁମାଛିମାନେ ହେନ୍ତାଳଫୁଲରୁ ମହୁସଂଗ୍ରହ କରିବାରେ ବ୍ୟସ୍ତ,” ରୁନୁ ଜେହାନ୍ କୁ ଅଭୟଦେଲା। ସେମାନେ ତମକୁ କଦାପି ବିନ୍ଧିବେନି। କିଛି ସମୟପରେ ଜେହାନ୍ କୁ ଶୋଷ ଲାଗିଲାରୁ ସେ ବାପାଙ୍କ ବ୍ୟାଗ୍ ରୁ ପାଣି ବୋତଲ ଆଣିବାକୁ ହାତବଢ଼େଇଲା। ରୁନୁ ବାଧାଦେଲା। କହିଲା “ଟିକେ ଅପେକ୍ଷାକର।” ସବୁବେଳେ ପାଖରେ ରଖୁଥିବା ଛୁରୀ ବାହାରକରି ସେପାଖର ନାଲି ହେନ୍ତାଳବଣ ଆଡ଼କୁ ବାଟ କାଟି ମାଡ଼ିଗଲା। ହେନ୍ତାଳଗଛର ଗୋଟେ ଠେସଚେର କାଟିଆଣି ଜେହାନ୍ ହାତକୁ ବଢ଼େଇଦେଇ କହିଲା “ଏଇନିଅ, ପିଅ ଏଇପାଣି।”

“ହଁ, ତୁମେ ଏଇଟା ପିଇପାର,” ଗାଇଡ କହିଲେ। ଏଠିକାର ସବୁଲୋକ ଶୋଷଲାଗିଲେ ଚେରର ଏଇପାଣିପିଇ ତୃଷାମେଣ୍ଟାନ୍ତି। କାରଣ ଚେରସବୁ ଲୁଣିପାଣିକୁ ଶୋଷଣକରି ଛାଣି, ଦୂଷିତପଦାର୍ଥକୁ ବାହାର କରିଦେଇ ଏହି ପରିଷ୍କାର ଜଳରଖିଥାଏ। କିନ୍ତୁ ସବୁଗଛ ନୁହେଁ। କିଛି ଗଛର ଏହି ପାଣି କ୍ଷତିକାରକ।

ପ୍ରୀତେଶ କଥା ଯୋଡ଼ି କହିଲେ, ସେ ଯାହାହେଉନା କାହିଁକି, କିନ୍ତୁ ଜଣେ ସଂରକ୍ଷିତ ଜଙ୍ଗଲ ଭିତରୁ ଏସବୁ ଚେର କାଟିବା ଉଚିତ ନୁହେଁ।

ଜେହାନ୍ ବାପାଙ୍କ ପାଣିବୋତଲରୁ ଟିକେ ପାଣିପିଇବା ପରେ ଘୋଷଣାକଲା, “ଏଥରଚାଲ, ଆମେ ସେଇ ପୁରୁଣାମନ୍ଦିରକୁ ଖୋଜିବା!”

ସୌଭାଗ୍ୟକୁ ସେମାନଙ୍କୁ ପାଇବାରେ ବେଶି ସମୟ ଲାଗିଲାନି। ଅଳ୍ପବାଟ ଚାଲୁଚାଲୁ ମନ୍ଦିର ଉପରେ ସେମାନଙ୍କର ନଜର ପଡ଼ିଲା, ପବିତ୍ର ବୃକ୍ଷମାନଙ୍କର ଘେରଭିତରେ ଦିଶିଲା ଆସ୍ଥାନଟି। ଏହି ସମୟରୁ ହିଁ ସେମାନଙ୍କର ବିପଦପୂର୍ଣ୍ଣ ଦୁଃସାହସିକ ଅଭିଯାନ ଆରମ୍ଭ ହେଲା।

ସ୍ୱାଭାବିକ କଥାଯେ ପଥର ନିର୍ମିତ ମନ୍ଦିରଟି ଭାଙ୍ଗିରୁଜି ଯାଇଥିଲା, ପଥର ସନ୍ଧିରୁ ଗୁଡ଼ାଏ ଗଛବୁଦାଉଠି ତାକୁ ଘୋଡ଼େଇ ପକାଇଥିଲା। କିନ୍ତୁ ଯାତ୍ରାଦଳକୁ ଯାହା ଆଚମ୍ବିତ କଲା, ତାହା ହେଉଛି ପଥରଉପରେ ଖୋଦେଇ ହୋଇଥିଲା କେନ୍ଦ୍ରାପଡ଼ାର ହେନ୍ତାଳବନରେ ଥିବା ଜୀବଜନ୍ତୁ ଓ ଉଦ୍ଭିଦର ଚିତ୍ର। ଆଶ୍ଚର୍ଯ୍ୟଜନକ ଭାବେ ମନ୍ଦିରର ଚାରିପଟେ ସମ୍ପୂର୍ଣ୍ଣ ନିରବତାର ରାଜୁତି, ପକ୍ଷୀରକାକଳୀ କି ଝିଙ୍କାରୀର ରାହା ଶୁଣାଯାଉ ନଥାଏ, ସତେଯେମିତି ମନ୍ଦିରରେ ପୂଜିତ ଦେବତା ଶିବଙ୍କ ସହିତ ଏମାନଙ୍କର ମନୋମାଳିନ୍ୟ ହୋଇଛି। ଏହି ମନ୍ଦିରର ଠିକ ବିପରୀତ ପଟରେ ଥିଲା ଏହାଠାରୁ ଅଧିକ ପୁରୁଣାଲାଗୁଥିବା ଆଉଗୋଟିଏ ମନ୍ଦିର। ସେମାନଙ୍କୁ ସ୍ଥାନ ସମ୍ପର୍କରେ ସୂଚନାଦେବାକୁ ସାଙ୍ଗରେ ଆସିଥିବା ଗାଇଡ ବାପି କହିଲା, ଏହା ବନଦୂର୍ଗା ବା ବଣରଦେବୀଙ୍କ ଦେଉଳ। ପାଖକୁଲାଗି ଏକ ପଦ୍ମପୋଖରୀ। ଆରେଦେଖ! ପୋଖରୀ ଅପରପାର୍ଶ୍ୱରେ ଦୃଷ୍ଟିଗୋଚର ହେଲା, ସେମାନଙ୍କ କଳ୍ପନାର



ଶୀକାରସ୍ତମ୍ଭ (ହଟିଂଙ୍ଗ୍ ଟାୱାର)। ସେଠି ଟାୱାର ଓ ପୋଖରୀ ମଝିରେ ରହିଥିବା ଗୋଟେ ସାଇନବୋର୍ଡରେ ଲେଖାଥିଲା "କୁମ୍ଭୀର ପ୍ରତି ସାବଧାନ।"

"ଆମେ ନିକଟକୁ ଯାଇ ମନ୍ଦିରକୁ ଭଲକରି ଦେଖିବା? ଦର୍ଶନାର୍ଥୀ ବଜାଇବାପାଇଁ ତାଭିତରେ ଘଣ୍ଟିଝୁଲୁଥିବ?" ଫୋନରେ ଫଟୋ ଉଠାଉଉଠାଉ ଜେହାନ୍ ପଚାରିଲା। ହଠାତ ତା କ୍ୟାମେରାରେ ଦେଖାଗଲା କେହି ଅନ୍ଧାରଭିତରୁ ମୁହଁକାଢ଼ି ଚାହୁଁଛି। ତା ହାତରୁ ଫୋନ ଖସିପଡୁପଡୁ ସେ ଧରିପକାଇଲା।

ସେ ଦୃଷ୍ଟି ସ୍ଥିରକରି ଉହୁଙ୍କି ଦେଖିଲା, ଦିଶିଲା ଗୋଟେ ମୁହଁ, ସେଥିରେ ଉଜ୍ଜ୍ୱଳ ଦୁଇଟି ଆଖି ଆଉ ଲହଲହ ହେଉଥିବା ଦି’ଫାଳିଆ ନେଳିଆ ଜିଭ। ମୁହଁଟି ଏକ ବଡ଼ ପାଣିଗୋଧିର। ତାର ଦର୍ଶକମାନେ ଗଛଗହଳି ପଛରେ ନିରବରେ ଠିଆହୋଇ ଦେଖୁଥାନ୍ତି, ଅପେକ୍ଷା କରୁଥାନ୍ତି ସିଏ ୟା’ପରେ କଣକରିବ, ସେମାନଙ୍କ ହୃତସ୍ପନ୍ଦନ ବଢ଼ିଚାଲିଥାଏ। ପାଣିଗୋଧିଟି ପେଟରେ ଭରାଦେଇ ଦ୍ରୁତପାଦପକାଇ ଘୁସୁରିଘୁସୁରି ଦେଉଳଭିତରୁ ବାହାରି ଆସିଲା, ଜିଭକୁ ଅବିରାମ ଲହଲହକରି କାହାର ଗନ୍ଧବାରିବାକୁ ଭୂଇଁକୁ ଶୁଙ୍ଘିଂବାରେ ଲାଗିଲା। ତାପରେ ସେ ପାଣିନାଳୀର ବନ୍ଧଉପରେ ଥିବା ଗୋଟେ ମାଟିକୁଦଆଡ଼କୁ ମୁହାଁଇଲା। ହେନ୍ତାଳଜଙ୍ଗଲର ଝଡ଼ାପତ୍ରରେ ଆବୃତଥିଲା ସେଇକୁଦଟି। “ତାହା ଏକ କୁମ୍ଭୀରବସା!” ଉଭୟ ପ୍ରିତେଶ ଓ ରୁନୁ ଏକାବେଳକେ ଚୁପିଚୁପି ସ୍ୱରରେ କହିଲେ। ସେମାନଙ୍କ ଉତ୍କଣ୍ଠା ଶୀର୍ଷରେ ପହଞ୍ଚିସାରିଥାଏ। ଏହା ନିଶ୍ଚିତ, କାରଣ କୁଦଭିତରୁ ଶୁଭୁଥାଏ ଚିଂଚିଂଡ଼ାକ, ଅଳ୍ପ ସମୟ ଆଗରୁ ବୋଧେ ଛୁଆଗୁଡ଼ିକ ଅଣ୍ଡାରୁ ଫୁଟି ବାହାରିଛନ୍ତି। ଠିକ ସେତିକିବେଳକୁ, କିଛିଦୂରରେ ପଡ଼ିଥିବା ଗୋଟେ କାଠଗଣ୍ଡି ହଠାତ ଜୀବନ ପାଇଲାଭଳି ଚାଲିଲା। ସେଯାଏଁ ଏଇଟି କାହାନଜରକୁ ଆସିନଥିଲା। ଯାହା ଶୁଖିଲା କାଠଗଣ୍ଡିପରି ଦିଶୁଥିଲା, ତାହା ପ୍ରକୃତରେ ଥିଲା ମାଆକୁମ୍ଭୀର। ସେଥିଲା ବିରାଟ—ପୂରା ୧୭ଫୁଟ ଲମ୍ବର। ମାଆକୁମ୍ଭୀର ତା ଅଣ୍ଡା ଉପରେ ବିପଦ ଆଶଙ୍କାକରି କାନଫଟା ଗର୍ଜ୍ଜନକଲା ଓ ଅଚାନକ ପାଣିଗୋଧିଆଡ଼କୁ ଝପଟିଗଲା।

ତାପରେ ଦୁହେଁଦୁହିଁଙ୍କୁ ଆକ୍ରମକଠାଣି ଦେଖାଇ ଧମକ ଦେଲାଭଳି ଫୁଙ୍କାରକଲେ। କୁମ୍ଭୀର ଭୀଷଣ କ୍ରୋଧରେ ଗର୍ଜୁଥାଏ। ଗୋଧିବି ଭୟଭୀତ କରିବାର କୌଶଳ ଦେଖାଇ ତାମୁଣ୍ଡ ଉଠାଇ ସିଧାପାଞ୍ଚଫୁଟ ଠିଆହୋଇପଡ଼ିଲା, ତାଲମ୍ବା, ଦି’ଫାଳିଆ ନେଳିଆ ଜିଭ ଲହଲହକରି ପ୍ରଚଣ୍ଡ ଦେଖାଗଲା। ଏହାର ଜବାବରେ କୁମ୍ଭୀରତାର ବିରାଟ ଆଁ ମେଲାଇଲା, ଦିଶିଲା ଶହେସରିକି ଭୟଙ୍କର ଦାନ୍ତ। ଅଭିଯାନରେ ବାହାରିଥିବା ଦର୍ଶକଗଣ ନିରବ, ନିଶ୍ଚଳରେ ଠିଆହୋଇ ଏହି ଅଦ୍ଭୁତ ଦୃଶ୍ୟଟିକୁ ଦେଖୁଥାନ୍ତି। କିଛିସମୟର ପ୍ରତିରୋଧପରେ, ଭୋକମାରିବାକୁ ନାଳୀଆଡ଼କୁ ଯାଉଥିବା ଗୋଧିଟି କ୍ରୋଧିତ ମାଆକୁମ୍ଭୀରର ସାମ୍ନାକରିପାରିବନି ବୋଲିଜାଣି ପାରିଲା। ତେଣୁ ସେ ତୁରନ୍ତ ଲାଞ୍ଜଜାକି ଫେରିଗଲା ଓ ମନ୍ଦିରପଛରେ ଅଦୃଶ୍ୟ ହୋଇଗଲା।

କିନ୍ତୁ ଏହାପରେ, ତା ଛୁଆମାନେ ଏଇମାଟିକୁଦର ବସାରେ ଆଉନିରାପଦ ନୁହନ୍ତି ବୋଲି ମାଆକୁମ୍ଭୀର ସ୍ଥିରକଲା। ତେଣୁ ପତ୍ରଗଦାର ଭ୍ରମସୃଷ୍ଟି କରିବାକୁ ସେ କୁଦଉପରେ ଯେଉଁ ହେନ୍ତାଳପତ୍ର ବିଛେଇଥିଲା, ତାକୁ କାଢ଼ିପକାଇଲା ଏବଂ ଅଧାଅଧି ଅଣ୍ଡାରୁ ଫୁଟିଥିବା

କଅଁଳିଆଛୁଆଙ୍କୁ ଅତି ଯତ୍ନରସହିତ ତାରତୀକ୍ଷ୍ଣଦାନ୍ତଥିବା ମୁହଁରେ ବୋହିନେଲା, ଯେଉଁମୁହଁ କିଛିକ୍ଷଣ ପୂର୍ବରୁ ପାଣିଗୋଧିକୁ ଭୟଭୀତ କରିଥିଲା। ନିକଟସ୍ଥ ପୋଖରୀକୁ ଧିରେଧିରେ ଚାଲି ସେ ଛୁଆମାନଙ୍କୁ ଆଞ୍ଜନଲାଗିଲା ଭଳି ଗୋଟିଗୋଟିକରି ଛାଡ଼ିଲା, ଯେଉଁଠାରେ ସେମାନେ ନିଜେ ଖାଦ୍ୟସଂଗ୍ରହକରି ବଞ୍ଚିବାଶିଖିବେ ଓ ଦିନେ ନିକଟବର୍ତ୍ତୀ ପାଣିନାଳୀଗୁଡ଼ିକରେ ରାଜୁତି କରିବେ।

ଯେତେବେଳେ କୁମ୍ଭୀରର ଛୁଆଙ୍କପ୍ରତି ମାଆର କର୍ତ୍ତବ୍ୟ ସରିଗଲା, ସେ ପହଁରି ଚାଲିଗଲା। ବୋଧହୁଏ ଛୁଆମାନଙ୍କୁ ବୋହିନେବାର ପରିଶ୍ରମଯୋଗୁ ତାକୁ ଭୋକିଲା ଲାଗୁଥିଲା। ନିଜ ଶରୀରକୁ ଶକ୍ତିଯୋଗାଇବାଲାଗି ସେ ଏବେ ଭଲଶିକାରର ସନ୍ଧାନରେଥିବ। ଏବେସବୁ ଶାନ୍ତପଡ଼ିଗଲା।

କିନ୍ତୁ ନାଟକର ବିଚିତ୍ରଦୃଶ୍ୟାବଳୀର ଶେଷ ହୋଇନଥାଏ। ଜେହାନ୍ ଲକ୍ଷ୍ୟକଲା, କୁମ୍ଭୀର ଖୋଳିଥିବା କୁଦର ହୁଗୁଳାମାଟି ହଲଚଲ ହେଉଥାଏ। "ଦେଖ, ଦେଖ, ସେଭିତରେ ଆଉଗୋଟେ ଛୁଆ ରହିଯାଇଛି!" ସେପ୍ରାୟ ଚିତ୍କାର କରିକହିଲା। "ମାଆତାକୁ ଭୁଲରେ ଛାଡ଼ିଦେଇଛି।" ପ୍ରକୃତକଥା, ସେମାନେ ସେ ହଲଚଲ ହେଉଥିବାମାଟିରୁ ଫଁଫଁ ଆବାଜ ଶୁଣିପାରିଲେ ଓ କୁନିମୁହଁଟିଏ ପଦାକୁ ବାହାରିଥିବାର ଦେଖିଲେ।

ସେ ଚାରିଜଣ କେବଳ ଛୁଆଟିକୁ ଆବିଷ୍କାର କରିନଥିଲେ। ପାଣିଗୋଧିବି ତାକୁ ମନ୍ଦିର ପାଖରୁ ଦେଖିପାରିଲା। ତାର ବିରାଟଶରୀର ସତ୍ତ୍ୱେ ଖୁବ ସହଜରେ ସର୍ପିଳ ଗତିରେ ସେ ସଦ୍ୟଜନ୍ମିତ ଛୁଆଟିଆଡ଼କୁ ମାଡ଼ିଚାଲିଲା। ଛୋଟ ମାଉଁସ ଟୁକୁଡ଼ାଟିଏ ହେଲେବି ଶାବକଟିକୁ ସେ ଖାଇବବୋଲି ସ୍ଥିରକରିସାରିଥାଏ। କିନ୍ତୁ ବିରାଟ ପାଣିଗୋଧିଟି ତାଉପରେ ଝାମ୍ପିପଡ଼ିବା ଆଗରୁ ରୁନୁ କ୍ଷଣିକ ଆବେଗରେ ପାଗଳୀଭଳି ଦଉଡ଼ିଯାଇ ଭୟଭୀତ ହୋଇପଡ଼ିଥିବା ଛୋଟଛୁଆଟିକୁ ଉଠାଇନେଲା। ତାକୁ ପାଣିରେ ଛାଡ଼ିଦେବାପାଇଁ ସେ ପୋଖରୀପାଖକୁ ଚାଲିଲା।

ଏହାପରେ ଯାହା ଘଟିଲା ତାହାଥିଲା କଳ୍ପନାର ବାହାରେ, ଏକ କିଂକର୍ତ୍ତବ୍ୟବିମୂଢ଼ ଅବସ୍ଥା। ସେତିକିବେଳକୁ ମାଆକୁମ୍ଭୀର ଗୋଟେ ଛୁଆଛାଡ଼ିଆସିଛି ବୋଲି ମନେପକାଇ ବସାମୁହାଁ ହେଉଥାଏ। ହେଲେ ତାକୁକେହି ଧରିଥିବା ଦେଖି ସେ ପ୍ରଚଣ୍ଡ ରଡ଼ିକରି ଝିଅଆଡ଼କୁ ମାଡ଼ିଆସିଲା। ମହାବିପଦଟିଏ ଘଟିଯାଉଥିବା ଦେଖି ହତଚକିତ ପ୍ରିତେଶ ଓ ଶ୍ରୀ ଶାପୁର ଅବିଳମ୍ବେ ଧାଇଁଯାଇ ରୁନୁକୁ ଉଭୟ କୁମ୍ଭୀର ଓ ପାଣିଗୋଧି ହାବୁଡ଼ରୁ ଟାଣି ନେଇଆସିଲେ। ଯୋଗକୁ ପ୍ରିତେଶ ହାତରେ ବାଉଁଶ ଖଣ୍ଡେ ପଡ଼ିଯିବାରୁ ସେ ଦୁଇଟିଯାକ ଜନ୍ତୁଙ୍କୁ ଘଉଡ଼ାଇବାକୁ ସକ୍ଷମହେଲେ। ରକ୍ଷାହେଲା, ତାଙ୍କଦଳକୁ ଛାଡ଼ିଦେଇ ଉଭୟ କୁମ୍ଭୀର ଓ ଗୋଧି ଯେଝାବାଟରେ ଚାଲିଗଲେ ସିନା, ରୁନୁର ଅବସ୍ଥା କଣହୋଇଥାନ୍ତା ସେକଥା ମନେପକାଇ ସେମାନେ ତଥାପି ଥରୁଥିଲେ।

"ମୁଁ ଖୁବ ଦୁଃଖିତ, ମୋର ଏତେବଡ଼ ଭୁଲଯୋଗୁ ସମସ୍ତେ ହଇରାଣହେଲେ," ରୁନୁ ଡରିଡ଼ରି କହିଲା। "କିନ୍ତୁ ଅସହାୟ କୁନିଶାବକଟିକୁ ପାଣିଗୋଧି ଖାଇଦେବବୋଲି ଦେଖି ମୁଁ ଆଦୌ ସହିପାରିଲିନି। ମୁଁ ଜାଣୁଛି ଏଇଟାଥିଲା ମୋ ବୋକାମି, କାରଣ ମାଆକୁମ୍ଭୀର ମୋତେ ଆକ୍ରମଣ କରିଥାନ୍ତା।"

"ମୁଁ ଭାବୁଛି ଆମେମାନେ ଏଥିରୁ ଶିକ୍ଷାପାଇଲେ। ପ୍ରକୃତିରେ ଘଟୁଥିବା ଘଟଣାକୁ ତାବାଟରେ ଛାଡ଼ିଦେବା ଉଚିତ। ପାଣିଗୋଧି ତାରସ୍ୱଭାବ ଅନୁସାରେ ହିଁ କାମକରୁଥିଲା। ତାକୁ ଆମେ ଖଳ

ବା କ୍ରୁର ବୋଲି କହିପାରିବାନି। ସେ ବି ତାଖାଦ୍ୟ ଖାଇବ। ଜୀବଜନ୍ତୁ ଶୀକାରକଲେଯାଇ ସେ ତାପେଟ ପୁରାଇପାରିବ, ତା ପାଇଁ ଆଉ ଅନ୍ୟ ଉପାୟନାହିଁ।"

"ଯାହା ହେବାର ହେଲା, ଆମେ ଏଠି ଅଧିକ ସମୟ ରହିବାର ଆବଶ୍ୟକତା ନାହିଁ," ପ୍ରିତେଶ କହିଲେ। ସେମାନେ ଆଗକୁ ଚାଲିଲେ, ତଥାପି ମନେପଡୁଥା ଏ ଭୟାନକ ଘଟଣାଟି। କିଛିବାଟ ଗଲାପରେ ଜେହାନ୍ ତା ବାଇନୋକୁଲାରରେ ଦେଖିଲା ଆଉଗୋଟେ କୁମ୍ଭୀର, ଅଳ୍ପବୟସର, ମୋଟେ ଚାରି–ପାଞ୍ଚଫୁଟ ଲମ୍ବା। ଗୋଟେ ପଥର ଉପରେ ପେଟେଇ, ଆଁ ମେଲାକରି ସେ ବିଶ୍ରାମ ନେଉଥିଲା। ହଠାତ ଏକ ପାଣିଚଲା (ପ୍ଲୋଭର) ଚଢ଼େଇଟି ଉଡ଼ିଆସି ସିଧା ତା ପାଟି ଭିତରେ ବସିଲା।

"ଓଃ ନାଇଁ ନାଇଁ!" ଜେହାନ୍ ବିଚଳିତହୋଇ ପାଟିକଲା। "ବୋକା ପ୍ଲୋଭର ବିପଦକୁ ବରଣ କରୁଛି।"

ଜେହାନ୍‌କୁ ବାପା ଶ୍ରୀ ଶାପୁର ବୁଝାଇଦେଲେ, "କୁମ୍ଭୀର ଚଢ଼େଇଟିର କିଛି କ୍ଷତିକରିବନି। ସିଏ ତା ଦାନ୍ତ ସଫାକରାଉଛି। ଏହାଆଗରୁ ସେଯେଉଁ ଶିକାରଟିକୁ ଖାଇଥିଲା, ଦାନ୍ତରେ ଲାଗିରହିଥିବା ତାର ମାଂସ କି ହାଡ଼ର ଟୁକୁଡ଼ାକୁ ସଫାକରିବା ଦରକାର। ଅସଲରେ ଚଢ଼େଇଟି କୁମ୍ଭୀରର ଡେଣ୍ଟିଷ୍ଟ।"

ଜେହାନ୍ ଜୋରରେ ହସିଲା। "କୁମ୍ଭୀର ବୁଢ଼ାହେଲାପରେ ଯେତେବେଳେ ତାର କେତୋଟି ଦାନ୍ତ ଖସିପଡ଼େ, ସେତେବେଳେ କଣହୁଏ? ସିଏ କେମିତି ଶୀକାରକରେ ଆଉ ଜନ୍ତୁକୁ କାମୁଡ଼ିଧରେ?"

"ଓଃ, ଦାନ୍ତଝଡ଼ିଗଲେ କୁମ୍ଭୀରର କିଛି ସମସ୍ୟା ନଥାଏ, କାରଣ ପ୍ରତିଦାନ୍ତ ଝଡ଼ିବାମାତ୍ରେ ସେଇଜାଗାରେ ଆଉଗୋଟେ ଦାନ୍ତ ବାହାରିପଡ଼େ। ସେମାନଙ୍କ ଜୀବନକାଳଭିତରେ ବହୁଥର ଦାନ୍ତଉଠେ," ପ୍ରିତେଶ ଓ ଶ୍ରୀ ଶାପୁର ଜେହାନ୍ ପ୍ରଶ୍ନର ଉତ୍ତର ଦେବାପୂର୍ବରୁ ରୁନୁ ବୁଝାଇଦେଲା।



"ବଣଜଙ୍ଗଲ ସମ୍ପର୍କରେ ତୁମେତ ବେଶ ବହୁତ କଥାଜାଣିଛ," ମନ୍ତବ୍ୟଦେଲେ ପ୍ରିତେଶ।

"ଶିକ୍ଷକ, ମୁଁ ବଡ଼ହେଲେ ଆପଣଙ୍କପରି ଫରେଷ୍ଟଗାର୍ଡ ହେବାକୁ ଚାହେଁ! ଜଣେ ଭଲ ଫରେଷ୍ଟଗାର୍ଡ ହେବାକୁ ହେଲେ ଜଣକର ଜଙ୍ଗଲସମ୍ପର୍କରେ ଅନେକ ଜ୍ଞାନଥିବା ଦରକାର। ଠିକ୍ ଆପଣଙ୍କପରି।"

ପ୍ରିତେଶ ଟିକେହସିଲେ। "ଏଇଟି ଗୋଟେ ଅଳ୍ପବୟସର କୁମ୍ଭୀର, ତାକୁ ତୁମେ କିଶୋର ବୋଲି କହିପାର। କିନ୍ତୁ ତୁମେ ଦୁହେଁ ଏବେ ତାପାଖକୁ ଯିବାକଥା ଭାବନି! ବେଳେବେଳେ ଏଇ ଅଳ୍ପବୟସ୍କ କୁମ୍ଭୀରମାନେ ବଡ଼ଙ୍କଠାରୁ ବି ଅଧିକ ବିପଜ୍ଜନକ ହୁଅନ୍ତି। ସେମାନେ ଭାରି ଅସ୍ଥିର, ମନୁଆ, ଅଭିଜ୍ଞ ହୋଇନଥାନ୍ତି। ସେମାନେ ଆମପରି ମଣିଷମାନଙ୍କୁ ଆକ୍ରମଣ କରିବାକୁ ପଛାନ୍ତି ନାହିଁ। ଆତ୍ମରକ୍ଷାପାଇଁ ଆବଶ୍ୟକ ନପଡ଼ିଲେ, ବୟସ୍କମାନେ ସାଧାରଣତଃ ମଣିଷଠାରୁ ଦୂରେଇ ରହିବାକୁ ଚାହାନ୍ତି।" ଜେହାନ୍ ର ଆପାଦମସ୍ତକ ଗୋଟେ ଶିହରଣ ଖେଳିଗଲା।

ହଠାତ ସେମାନେ ଏକତୀବ୍ର 'ଉଇୟୁ, ଉଇୟୁ' ଶବ୍ଦଶୁଣିଲେ, ଗୋଟେ ଡେଙ୍ଗା ବନି (ତିଭାର) ଗଛଉପରୁ ଆସୁଥିଲା ଏହିଧ୍ୱନି। ସେ ଭଲକରି କାନେଇଲା। ଶଅଅ....ତାହା ହେନ୍ତାଳବଣରେ ରହୁଥିବା ଗୋଟିଏ ପିଚ୍ଚାପକ୍ଷୀ, ଖୁବ ବିରଳପ୍ରଜାତି, ସେ ଅତିଧିର ସ୍ୱରରେ କହିଲେ। "ତାଦେହରେ କେତେରଙ୍ଗର ପରଅଛି ଖାଲିଗଣ!"

ତାକୁ ଠାବ କରିବାପରେ ସେମାନଙ୍କ ମନରେ ଖୁସିର ଲହରୀ ଖେଳିଗଲା। ତାଦେହରେ ଥିବାଭଳି କିଭଳି ଉଜ୍ଜ୍ୱଳ ରଙ୍ଗର ପର-ନୀଳ, ନାଲି, ହଳଦିଆ, ସବୁଜ, ଖଇରିଆ ପୁଣି କଳାରଙ୍ଗ-ଚଢ଼େଇଟିର ଉପସ୍ଥିତିକୁ ବନିଗଛର ନାଚୁଥିବା ପତ୍ରଗୁଡ଼ିକ ଭିତରୁ ସ୍ୱଷ୍ଟକରି ଦେଉଥିଲା। ସେମାନଙ୍କୁ ଆହୁରି ଖୁସିଲାଗିଲା, ଯେତେବେଳେ ଦେଖିଲେ ସିଏ ତା ଥଣ୍ଟରେ ଗୋଟେ କଙ୍କଡ଼ା ଧରିଛି ଆଉ ଥରକୁଥର ଗୀତଗାଇ ସେଇଦିନଟି ପାଇଁ ଖାଦ୍ୟ ଯୋଗାଡ଼କରି ପାରିଥିବାରୁ, ନିଜର ଜିତାପଟ ଘୋଷଣା କରୁଛି।

ହେନ୍ତାଳବନର ପିଚ୍ଚାପକ୍ଷୀଟିକୁ ଦେଖି ସେମାନଙ୍କ ମନରୁ ସକାଳର ଭୟାନକ ଘଟଣାର ବୋଝ କମିଯାଇ ହାଲୁକା ହୋଇଗଲା ଏବଂ ଅବିରାମଭାବେ ତା ସଙ୍ଗୀତର ସ୍ୱର ଆହୁରି ଆନନ୍ଦକୁ ବହୁଗିଣିତ କରିଦେଲା।

ବାଟସାରା କେତେ ଅଜଣା ଆବିଷ୍କାରକରି, ସେମାନେ ଦେଖିବାକୁପାଇଲେ ପାଖାପାଖିଥିବା କିଛି 'ସାଲଭାଡୋରା' ଗଛରେ ଲଦିହୋଇଛି ଫୁଲ ଆଉ ଭର୍ତ୍ତିହୋଇଛି ରସାଳ, ମିଠା, ନାଲିଆକୋଳି।

"ଏଇଗଛକୁ ମିସ୍‌ବାକ କହନ୍ତି, ଇଏ ହେନ୍ତାଳଜଙ୍ଗଲର ଏକ ନିକଟ ପରିବାର, ସହଯୋଗୀ ଉଦ୍ଭିଦଶ୍ରେଣୀ ବା କିସମ," ପ୍ରିତେଶ ସୂଚନା ଦେଲେ।

"ହେନ୍ତାଳଗଛର ସହଯୋଗୀ କିସମ?" ଜେହାନ୍ ପଚାରିଲା। ଏହାର କଣ ହେନ୍ତାଳଗଛସାଙ୍ଗରେ କୌଣସି ସମ୍ପର୍କଅଛି?

"ହଁ, ଏହି ସହଯୋଗୀ ଶ୍ରେଣୀର ଉଦ୍ଭିଦମାନେ ଉଚ୍ଚଜୁଆର ଛୁଉଁଥିବା ଜଙ୍ଗଲଅଂଶର ଠିକ ପରେପରେ ସୃଷ୍ଟିହୋଇଥିବା ଉଦ୍ଭିଦମଣ୍ଡଳ। ପ୍ରକୃତ ହେନ୍ତାଳବନପରି ଏହା ଲୁଣିପାଣିରେ ବୁଡ଼େନି। କିନ୍ତୁ ଏସବୁଗଛ ଲୁଣିମାଟିକୁ ସହିପାରେ।"

"ମୁଁ ଜାଣିଛି," ରୁନୁ କହିଲା। "ଆମେ ଏହିଗଛର ସରୁଆ ଡାଳରେ ଦାନ୍ତଘଷୁ। ଇଏ ଦାନ୍ତକୁ ଶକ୍ତ ଓ ସୁସ୍ଥ ରଖିବାରେ ସାହାଯ୍ୟକରେ, ଦେଖ!" ସେ ଆଁ କରି ହସିଦେଇ ମୋତିପରି ଧଳାଚିକ୍କଚିକ୍କ ଦାନ୍ତପାଖକୁ ଆଙ୍ଗୁଠିନେଇ ଦେଖାଇଦେଲା।

ଜେହାନ୍ 'ସାଲଭାଡୋରା' ଉଦ୍ଭିଦର ଗହଳ ଡାଳପତ୍ରକୁ ଚାହିଁଲା, ଫଳ ଓ କୋଳିଖାଇବାକୁ ଭଲପାଉଥିବା ନାନାଜାତିର ଦଳଦଳ ପକ୍ଷୀ ସେଠି ଖାଦ୍ୟପାଇଁ ଚଢ଼ାଉ କରୁଥିଲେ ଯେମିତି! ଏପରିକି ପାତିମାଙ୍କଡ଼ଙ୍କ ମଉଜ କହିଲେ ନସରେ। ଅନେକ ଡାଳରୁ ଡାଳକୁ ଡେଇଁ ଯେତେପାରନ୍ତି ସେତେ କୋଳି ପେଟଭର୍ତ୍ତିକରି ଖାଉଥାନ୍ତି।



“କୋଳିଖାଇବାର ସମୟ!” ଖୁସିରେ ହସିହସି ଶ୍ରୀ ଶାପୁର ଡାକଛାଡ଼ିଲେ। ପିଲାଦି’ଜଣ ଆଞ୍ଜୁଳି ଭର୍ତ୍ତିକରି ତଳେ ଖସିପଡ଼ିଥିବା କୋଳି ଗୋଟେଇଲେ ଆଉ ପାଟିକୁ ପକାଇବାରେ ଲାଗିଲେ, ସତେ ଯେମିତି କାଲି ଆଉ ଆସିବନି! ଚଢ଼େଇ ଓ ମାଙ୍କଡ଼ମାନେ ଆନନ୍ଦରେ ଖାଇଲାପରି ସେମାନେ ବି ଖାଇଲେ।

ଅବଶିଷ୍ଟଦିନ ଅଭୟାରଣ୍ୟର ବିବିଧଜୀବନକୁ ଆବିଷ୍କାର କରିବା ଓ ସେସବୁର ଫଟୋଉଠାଇବାରେ କଟିଲା। ଶ୍ରୀ ଶାପୁର ଅତିଶୟ ଉତ୍ସାହିତ ହୋଇପଡ଼ି ଲଗାତର ଫଟୋ ଉଠାଇଚାଲିଥାନ୍ତି। ଶେଷରେ ସେମାନେ ଭାରି କ୍ଳାନ୍ତହୋଇ ବୋଟକୁ ଫେରିଆସିଲେ। ନାଉରୀ ରଫିକ୍ ଅପେକ୍ଷାକରିଥିଲା ସେମାନଙ୍କୁ। “ଆମେ ଆରପଟେ ପହଞ୍ଚିଲା ମାତ୍ରେ ମୁଁ ଆପଣମାନଙ୍କୁ ଚା’ ତିଆରିକରି ପିଆଇବି, ଏବେ କିନ୍ତୁ ଜୁଆର ଅତିକମିଯିବା ଆଗରୁ ଏହିସ୍ଥାନ ଛାଡ଼ିଦେବାକୁ ପଡ଼ିବ,” ସୂଚାଇଦେଲା ରଫିକ୍।

ଡାଙ୍ଗମାଳ ଜେଟିରେ ପହଞ୍ଚିବାକ୍ଷଣି ଅଭିଯାତ୍ରୀଦଳ ନିକଟସ୍ଥ କ୍ୟାଣ୍ଟିନକୁ ଚାଲିଚାଲିଯାଇ ହୋଟେଲବାଲା ଚନ୍ଦୁ ଖୁବ୍‌ଖୁସିରେ ପ୍ରସ୍ତୁତ କରିଥିବା ସୁଆଦିଆ ଲୁଚି ଓ ଭଜାଚିଙ୍ଗୁଡ଼ିମାଛ ଖାଇ ପେଟଅଣ୍ଡାକଲେ। ସେମାନେ ବୋଧେ ବିଶାଳକାୟ ପାଣିଗୋଧି ଠାରୁ ବି ଆହୁରି ଭୋକିଲାଥିଲେ। ହେନ୍ତାଳବଣ ଅଭ୍ୟନ୍ତରର ଏକାଧିକ ନାଳୀରେ ଘଟିଥିବା ଦୁଃସାହସିକ ଅଭିଯାନ ବିଷୟରେ ଗପୁଗପୁ ନାଉରୀ ସମସ୍ତଙ୍କ ପାଇଁ ଚା’ ତିଆରିକରି ଛୋଟିଆ କୁଲ୍ହାଡ଼(ମାଟିଓଳି)ରେ ବଢ଼େଇଦେଲା। “ଆଃ! ବଢ଼ିଆହୋଇଛି, ଦିନଯାକର କ୍ଳାନ୍ତିକର ଦୁଃସାହସିକ ଯାତ୍ରାପରେ ଚା’ଟା ପ୍ରାଣ ସଞ୍ଚାରକଲା,” ସନ୍ତୁଷ୍ଟହୋଇ କହିଲେ ଶ୍ରୀ ଶାପୁର।

ଘରେପହଞ୍ଚି, ଚାରିଜଣଯାକ ଅଭିଯାତ୍ରୀ ରୁନୁର ମାଆବାପାଙ୍କୁ ତାର କୁମ୍ଭୀରସାଙ୍ଗେ କିପରି ମୁହାଁମୁହିଁ ହୋଇଥିଲା, ସେକଥା ବର୍ଣ୍ଣନାକଲେ। ଶ୍ରୀ ଶାପୁର ଓ ପ୍ରିତେଶ ରୁନୁକୁ ଭୟଙ୍କର ଦୁର୍ଦ୍ଦଶା ଘଟିବା ପୂର୍ବରୁ ରକ୍ଷାକରିଥିବାରୁ ଅଭିଭାବକ ଦୁହେଁ ସେମାନଙ୍କୁ କୃତଜ୍ଞତା ଜଣାଇଲେ। ତାକୁ ଘରେଛାଡ଼ି ସଭିଏଁ ଯିବାପରେପରେ ସେ ନିଘୋଡ଼ ନିଦରେ ଶୋଇପଡ଼ିଲା। ବାପା ଶୋଇଯାଇଥିବା ଝିଅର ମୁହଁକୁ ଚାହିଁଲେ, ସୁନ୍ଦରିଆ ଛୋଟିଆ ମୁହଁଟିଏ, ଝରକା ଫାଙ୍କଦେଇ ପଶିଆସୁଥିବା ଜହ୍ନର ରୁପେଲି କିରଣରେ ଉଜ୍ଜ୍ୱଳ ଦିଶୁଥିଲା। ପିଲାଟିକୁ କୁମ୍ଭୀର ହାବୁଡ଼ରୁ ରକ୍ଷାକରିଥିବାରୁ ବାପା ବଳଦେବଠାକୁରଙ୍କୁ ଅନ୍ତରରୁ ମୁଣ୍ଡିଆଟିଏ ମାରିଲେ। ଯଦିଓ

ସେ ମମତାର ଆବେଗରେ ପଡ଼ି ଅଜାଣତରେ ନିଜ ଜୀବନକୁ ବିପଦରେ ପକାଇଥିଲା, ତଥାପି ତାଙ୍କଝିଅ ଛୋଟିଆ କୁମ୍ଭୀର ଶାବକଟିକୁ ପାଣିଗୋଧିଠାରୁ ଉଦ୍ଧାର କରିଥିବା ଯୋଗୁ ଗୌରବ ଅନୁଭବ କରୁଥିଲେ।

ଗେଷ୍ଟହାଉସରେ ନିଦ୍ରିତ ଜେହାନ୍ ଉପରେବି ପଡୁଥିଲା ସେଇ ଜହ୍ନକିରଣ, ବାପା ପରିପୂର୍ଣ୍ଣ ଆନନ୍ଦ ଓ ଗୌରବରେ ଚାହିଁରହିଥିଲେ ତାକୁ। କାରଣ ଯେଉଁ ଲୁଣାଜଙ୍ଗଲ ବା ହେନ୍ତାଳବନ ତାଙ୍କ ଜୀବନର ଅତ୍ୟନ୍ତପ୍ରିୟ ସେହିଭଳି ଏକ ପ୍ରସିଦ୍ଧ ହେନ୍ତାଳବନ ସମ୍ବନ୍ଧରେ ତାଙ୍କର ପୁଅ ବହୁତକିଛି ଜାଣିପାରିଲା, ସେଥିପାଇଁ ସେ ଭାରିଖୁସି। ସେଖୁବ ଧିରେ ପତଳା ରେଜେଇଟିଏ ତାଉପରେ ଢାଙ୍କିଦେଲେ। ଦୂରରୁ ଶୁଣାଯାଉଥିଲା ପଟାଦାଗବାଲା ଗୋଟେ ଗଧିଆର ହସିଲାପରି ଡାକ, ତାହା ଯେମିତି ମନେହେଉଥିଲା ଡାହାଣିର ହସପରି। ବୋଧହୁଏ ସେ ତାର ଖାଦ୍ୟର ସନ୍ଧାନ କରୁଥିଲା।

. . . ଚନ୍ଦର୍ ତା'ର ରୁପା ଆଲୋକ ପର୍ବାହିତ କରେ

ରାତିର ଅନ୍ଧାର ଭିତରେ

ଶୋଇଥିବା ପୁଅ ଓ ଝିଅକୁ ଦେଖି ହସିଲେ ଚନ୍ଦର୍

ଯେତେବେଳେ ସେମାନେ ନିଜ ଦିନର ଦୁଃସାହସିକ କାଯ୍ୟର୍ ବିଷୟରେ ସ୍ୱପନ୍ ଦେଖନ୍ତି,

ଚନ୍ଦର୍ କୁମୀଭ୍ରମାନଙ୍କୁ ଦେଖୁଛି

ଯେତେବେଳେ ସେମାନେ ନିଜ ଶିକାରକୁ ଦେଖନ୍ତି

ଲୁଣିଆ ପାଣି ଭିତରେ ସେମାନେ ଚୁପ୍ ଚାପ୍ ବୁଲୁଛନ୍ତି

ସୁନ୍ଦର ଚନ୍ଦାର୍ଲୋକ ତଳେ ଉଜ୍ଜ୍ୱଳ ହେଉଛି ଚମତ୍କାର ମାଂଗୋର୍ଭ୍ . . .

ଆପଣ ଜାଣନ୍ତି କି?

ଡାଇନୋସରଙ୍କ ସମୟରୁ କୁମୀଭ୍ର ଲକ୍ଷ ଲକ୍ଷ ବଷର୍ ଧରି ଆମ ପୃଥିବୀରେ ରହିଆସିଛି । ଅନ୍ୟ ପର୍ଜାତିଗୁଡ଼ିକ ନାଟକୀୟ ଭାବରେ ବିକଶିତ ହୋଇଥିବା ବେଳେ କୁମୀଭ୍ରମାନେ ଅନେକ ପରିବତର୍ତ୍ନ ବିନା ବଞ୍ଚିବାରେ ସକ୍ଷମ ହୋଇଛନ୍ତି। କେଉଁ ସରୀସୃପଙ୍କର ସବୁଠାରୁ ଶକ୍ତିଶାଳୀ ଚକଡ଼ା କାମୁଡ଼ା ଅଛି ବୋଲି ଆପଣ ଭାବୁଛନ୍ତି? ପର୍ଥମ ସ୍ଥାନ ନେଲା ସାଲ୍ଟୱାଟର କୁମୀଭ୍ର ! ଏମାନେ ମଣିଷ ତୁଳନାରେ 18 ଗୁଣ ଅଧିକ ଶକ୍ତିଶାଳୀ କାମୁଡ଼ା ବଳରେ ନିଜ ଚଉଡ଼ାକୁ ବନ୍ଦ କରିପାରନ୍ତି।

MATCH THE FOLLOWING!

ଭାରତରେ ମିଳୁଥିବା ବିଭିନ୍ନ ପରଜାତିର କିଙ୍ଗଫିସର ମଧ୍ୟରୁ ଅତି କମରେ ସାତଟି ଭିତରକନିକାରେ ଦେଖିବାକୁ ମିଳେ

ପକ୍ଷୀଙ୍କୁ ତା'ର ନାମ ସହ ମେଳ ଖାଆନ୍ତୁ

- **Black-capped Kingfisher** - ମୁଣ୍ଡର କଳା ପଙ୍ଖା
- **Pied Kingfisher** - କଳା ଓ ଧଳା ପଙ୍ଖା ରହିଛି
- **Common Kingfisher** - ଛୋଟ ଆକାର, ଉଜ୍ଜ୍ୱଳ ନୀଳ ଏବଂ କମଳା ପଙ୍ଖା ସହିତ
- **Brown-winged Kingfisher** - ଗାଢ଼ ବାଦାମୀ ପଙ୍ଖା
- **White-throated Kingfisher** - ଗଳାରେ ଏକ ଧଳା ଦାଗ
- **Stork-billed Kingfisher** - ମୋଟା ଲାଲ ଚଞ୍ଚୁ ଏବଂ ବେକର ହଳଦିଆ ରଙ୍ଗ
- **Collared Kingfisher** - ବେକର ଧଳା କଲାର ସହ ନୀଳ-ସବୁଜ ପଙ୍ଖା

a)



b)

c)

d)

e)

f)

g)

ଉତ୍ତର:

a) Pied Kingfisher b) Brown-winged Kingfisher c) Black-capped Kingfisher d) Common Kingfisher

e) Stork-billed Kingfisher f) Collared Kingfisher g) White-throated Kingfisher

ଆପଣ ସାତଟି କିଙ୍ଗଫିସରଙ୍କୁ ଚିହ୍ନିପାରିବେ କି?

- *ସମସ୍ତ 7 ଠିକ୍? ବହୁତ ଭଲ!*
- *3 - 6 ଠିକ୍ କି? ଆପଣଙ୍କୁ ଅଧିକ ଅଭ୍ୟାସ କରିବାକୁ ପଡିବ!*
- *3 ରୁ କମ୍ ସଠିକ୍? ପୁଣିଥରେ ଚେଷ୍ଟା କରନ୍ତୁ! ଆପଣ ଏହା କରିପାରିବେ*



ସମୁଦର୍‌ରୁ ଆଗମନ (ଅରିବାଡା)

ରୁନୁ ପରଦିନ ଭୋରରୁ ଉଠିପଡ଼ିଲା। ସେଦିନ ତା ପ୍ରିୟସାଥୀ ଜେହାନ୍ ସାଙ୍ଗରେ ଦୁଃସାହସିକ ଯାତ୍ରାରେ ଆଉକଣସବୁ ରୋମାଞ୍ଚକର ଘଟଣା ଘଟିବ ସେକଥା ଭାବି ସେ ଭାରିଫୁର୍ତ୍ତି ଓ ଉନ୍ମାଦନା ଅନୁଭବକଲା। ସେ ଜଲଦି ତା ପୋଷାକ ପିନ୍ଧିପକାଇ ତରତରହୋଇ ସକାଳଖାଇବା ଶେଷ କରିଦେଲା।

ତେଣେ ବନବିଭାଗ ଗେଷ୍ଟହାଉସରେ ଜେହାନ୍ କିନ୍ତୁ ଅଧିକସମୟ ଶୋଇରହି ଡେରିରେ ଉଠିଲା। ଶେଜରେ ବସିପଡ଼ି ବାହାରେ ହେଉଥିବା କଥାବାର୍ତ୍ତାକୁ ସେ ଶୁଣିପାରିଲା। ସେଠି ପହଞ୍ଚି ଯାଇଥିବା ପ୍ରିତେଶଙ୍କ ସହିତ ବାପା କଥାହେଉଥିଲେ।

ପ୍ରିତେଶ କହୁଥିଲେ, "ଅଲିଭ ରିଡଲେ କଇଁଛଙ୍କ ଅଣ୍ଡାଦେବା ସ୍ଥାନର ନିରାପତ୍ତାନେଇ ବନବିଭାଗର କଡ଼ାକଡ଼ି କଟକଣା ରହିଛି। କିନ୍ତୁ ଆପଣ ଯେହେତୁ ଏହି ଅଞ୍ଚଳର ଅନୁଧ୍ୟାନ ଉଦ୍ଦେଶ୍ୟରେ ସରକାରୀ ଗସ୍ତରେ ଆସିଛନ୍ତି, ସେମାନେ ଆମକୁ ଗହୀରମଥା ଯିବାପାଇଁ ଅନୁମତି ଦେବାକୁ ରାଜିଅଛନ୍ତି।"

ଜେହାନ୍ ର ଖୁସିର ସୀମା ରହିଲାନି। ମନଭିତରେ ଉତ୍ତାଳ ହୋଇ ସେ କହିଲା, "ୟା! ଆମେ ଏବେ ଅଲିଭ ରିଡଲେ କଇଁଛଙ୍କ ଅଣ୍ଡାଦେବା ଅଞ୍ଚଳକୁ ବୁଲିଯିବୁ!" ମୋରଆଶା ଆମକୁ ସେଠି ବହୁସଂଖ୍ୟାରେ କଇଁଛ ଦେଖିବାକୁ ମିଳିବ।

ବାପା କହିଲେ, ଶୀଘ୍ର ନିତ୍ୟକର୍ମସାରି ଜଳଖିଆଖାଇ ବାହାରିପଡ଼। ତୁ କହୁଥିଲୁ ନା ରୁନୁ ତୋସାଙ୍ଗରେ ଯିବ? ତାକୁ ଆଣିବାକୁ ଆମେ ପ୍ରଥମେ ତା ଗାଁକୁ ଯିବା। କଇଁଛମାନଙ୍କୁ ଦେଖିବାର ସୁଯୋଗ ହରେଇବା ଉଚିତନୁହେଁ, ଠିକ୍ ତ?

ଜେହାନ୍ କାମରେ ଲାଗିପଡ଼ିଲା। ଅତି ଉତ୍ସାହରେ ସେ ତା ସାର୍ଟକୁ ଓଲଟା ପିନ୍ଧି ପକାଇଲା। ଏ ଅବସ୍ଥା ଦେଖି ବାପା ଓ ପ୍ରିତେଶ ମଜାରେ ହସିବାରୁସେ ଅବଶ୍ୟ ଠିକ କରି ପିନ୍ଧିଲା।

ଜେହାନ୍ ଯେତେବେଳେ ରୁନୁକୁ ଏ ଖବର ଜଣାଇଲା, ସେ ଖୁସିରେ ଉଲୁସିଉଠିଲା। କଇଁଛମାନଙ୍କ ସ୍ୱର୍ଗ କୁହାଯାଉଥିବା ଗହୀରମଥାକୁ ଯାଇ ସେମାନଙ୍କୁ ଦେଖିପାରିବ ବୋଲି ସେ କେବେ କଳ୍ପନା କରିନଥିଲା। ତା ଜେଜେବାପା ତାକୁ ଏଇ ଭେଳାଭେଳା କଇଁଛଙ୍କ କାହାଣୀ କହିଥିଲେ, ଯେଉଁମାନେ ପ୍ରତିବର୍ଷ ସମୁଦ୍ରରେ ହଜାରହଜାର ମାଇଲ ପହଁରି ଗହୀରମଥାରେ ଅଣ୍ଡାଦେବାକୁ ଚାଲିଆସନ୍ତି।

କିଛିବର୍ଷ ହେଲା ଗହୀରମଥା ଉପକୂଳକୁ ଆସୁଥିବା କଇଁଛଙ୍କ ସଂଖ୍ୟା କମିବାରେ ଲାଗିଥିଲା। ଏହାର କାରଣ ହେଲା ଲୋକଙ୍କ କାର୍ଯ୍ୟକଳାପ, ସେମାନଙ୍କ ଶୀକାର। ଏଥିସହିତ ବଣରେ ରହି ଜଙ୍ଗଲି ପ୍ରକୃତିର ହୋଇଯାଇଥିବା ଗାଉଁଲି କୁକୁର, ପକ୍ଷୀ, ଏପରିକି ବିଲୁଆ, ଗଧିଆ ଜାତୀୟ ହାଏନା ଆଦି ପ୍ରାଣୀମାନେ କଇଁଛଙ୍କ ଅଣ୍ଡା ଖାଇଯାଆନ୍ତି। ଏହି ଅଞ୍ଚଳକୁ ଲୋକମାନଙ୍କ ଗତାଗତଥିଲା ସବୁଠାରୁ ବିପଦ, କାରଣ କଇଁଛମାନେ ସମୁଦ୍ରତଟରେ ଗାତଖୋଳି ଅଣ୍ଡା ଦେବାଲାଗି ଉପଯୁକ୍ତ ସ୍ଥାନ ଖୋଜିବାକୁ ନିର୍ଭୟରେ ଆସିପାରୁ ନଥିଲେ। ପରିବେଶବିତମାନେ ଏନେଇ ଉଦବେଗ ପ୍ରକାଶକଲେ। ଆରିବାଡା ବା ଅସଂଖ୍ୟ କଇଁଛଙ୍କ ଗହୀରମଥାକୁ ସମୁଦ୍ରପଥରେ ଆଗମନ ଥିଲା ବିଶ୍ୱର ସବୁଠୁ ବଡ଼ଘଟଣା। ତେଣୁ ଅଲିଭ ରିଡଲେଙ୍କ ସଂଖ୍ୟା କମିଯିବା ଦୁଃଖଦାୟକ। ଏହି ପରିସ୍ଥିତିରେ ବନବିଭାଗ ଜଗୁଆଳି ବ୍ୟବସ୍ଥାକୁ ଦୃଢ଼କଲା, କଇଁଛଙ୍କ ଅଣ୍ଡାଦେବା ଋତୁରେ ଲୋକଙ୍କ ଚଳାଚଳ ଉପରେ ସମ୍ପୂର୍ଣ୍ଣଭାବେ କଟକଣା ଜାରିକଲା। ଏପ୍ରକାର ନିୟମ ଫଳରେ କେନ୍ଦ୍ରାପଡ଼ାକୁ ଆସୁଥିବା ସୁନ୍ଦରିଆ ଅତିଥିମାନଙ୍କୁ ତାର ଦେଖିବାର ଆଶା ମଉଳିଯାଇଥିଲା। ହେଲେ ଜେହାନ୍ ଯେତେବେଳେ କହିଲା, ଆଜି ସମସ୍ତେ ସେଠାକୁ ଯିବା, ତାକୁ ଲାଗିଲା ସେ ସ୍ୱପ୍ନ ଦେଖୁଛି।

ରୁନୁକୁ ନେଇ ଚାରିଜଣିଆ ଦଳଟି ଗୋଟେ ଜେଟି ପାଖରେ ପହଞ୍ଚିଲେ, ସେଠାରୁ ବୋଟଟିଏ ସେମାନଙ୍କୁ ଧରି ଆଗକୁ ଚାଲିଲା।

ଗହୀରମଥାରେ ପହଞ୍ଚିବାପରେ ରୁନୁ ଓ ଜେହାନ୍ ବନସୁରକ୍ଷାସ୍କାର୍ଡ ବ୍ୟତୀତ ଆଉକାହାକୁ ନଦେଖି ବଡ଼ ଆଚମ୍ବିତ ହେଲେ। କେବଳ କୂଳରେ ପିଟିହେଉଥିବା ଢେଉର ଶବ୍ଦ ଏବଂ ମୁଣ୍ଡଉପରେ ଚକ୍କର କାଟୁଥିବା ସିଗୁଲ ପକ୍ଷୀଙ୍କ କର୍କଶରାବକୁ ଛାଡ଼ିଦେଲେ ଆଉକିଛି ଶୁଭୁନଥିଲା।

ପ୍ରିତେଶ ବନସୁରକ୍ଷା ସ୍କାର୍ଡଙ୍କ ସହିତ ଶ୍ରୀ ଶାପୁରଙ୍କୁ ପରିଚିତ କରାଇଦେଲା। ସେ ପଚାରିଲା, "କଇଁଛଦଳ ଆଜି କୂଳକୁ ଆସିବାର ସମ୍ଭାବନା ଅଛିକି?"

ହଁ, ହଁ! ଗତ ଦୁଇଦିନଭିତରେ ଅନ୍ତତଃ ଲକ୍ଷେ ଅଲିଭ ରିଡଲେ କଇଁଛ ଆସିଲେଣି। କୂଳସାରା ସେମାନେ ଗାତଖୋଳି ଅଣ୍ଡା ଦେଇଛନ୍ତି। ଆଜିବି ଆସିବାକଥା, ନହେଲେ କାଲିକୁ ଆସିପାରନ୍ତି।

ଚାରିଜଣଯାକ କୂଳର ବାଲିକୁ ଢେଉ ଛୁଉଁଥିବା ସ୍ଥାନର ଧାରେଧାରେ କଥାବାର୍ତ୍ତାହୋଇ ଚାଲିଥାନ୍ତି, ସେମାନଙ୍କୁ ଦେଖିବାପାଇଁ ଭାରି ଆଶାଥାଏ। ଜେହାନ୍ ର କୌତୁହଳ ଚରମସୀମାରେ ପହଞ୍ଚିଯାଇଥିଲା। ସେପଚାରିଲା, "କେତେଦୂରରୁ ସମୁଦ୍ର ଭିତରେ ପହଁରି ସେମାନେ କେମିତି ଠିକ୍ ଏଇ କୂଳକୁ ଆସି ପହଞ୍ଚନ୍ତି? ସେମାନଙ୍କର ତ ଆଗକାଳରେ ସମୁଦ୍ର ଯାତ୍ରାରେ ଯାଉଥିବା ନାବିକମାନଙ୍କ ପରି କମ୍ପାସ କି ଏବେର ଜିପିଏସ ଯନ୍ତ୍ରପାତି ନାହିଁ।"

"ସେମାନେ କାହିଁ କେତେକାଳରୁ ଏ ପୃଥିବୀରେ ଅଛନ୍ତି ଏବଂ ଏଠାକୁ ଆସୁଛନ୍ତି", ଜଗତ ସମ୍ପର୍କରେ ତାର ଏସବୁ ସାଧାରଣଜ୍ଞାନ ଅଛିବୋଲି ଜଣେଇ ଦେବାକୁ ରୁନୁ ଏତକ କହି ପକାଇଲା। "ସେମାନେ ଭାରି ଚାଲାକ୍। ସହଜରେ ବାଟ ଜାଣିପାରନ୍ତି।"

ଶ୍ରୀ ଶାପୁର ଏନେଇ ଅଧିକ ଯୁକ୍ତିସମ୍ମତ କଥାଟିଏ କହିଲେ। ତୁ ଠିକ କହିଛୁ ରୁନୁ; ସେମାନେ ପୃଥିବୀର ପ୍ରାଚୀନତ୍ତମ ଜୀବମାନଙ୍କ ମଧ୍ୟରେ ଅନ୍ୟତମ। କିନ୍ତୁ ଏହି ନିର୍ଦ୍ଦିଷ୍ଟ ସ୍ଥାନର ସନ୍ଧାନକରି ଆସିବାପାଇଁ ସେମାନଙ୍କ ଦେହରେ ଏକ ଚୁମ୍ବକୀୟ ଉପାଦାନ ରହିଛି, ଯାହା କମ୍ପାସପରି ପୃଥିବୀର ଚୁମ୍ବକୀୟ କ୍ଷେତ୍ରର ସଙ୍କେତକୁ ଧରିପାରୁଛି। ତେଣୁ ସେମାନେ ଯେଉଁ ସମୁଦ୍ରକୂଳରେ ଜନ୍ମ ହୋଇଥିଲେ ସେହିସ୍ଥାନକୁ ଠାବକରି ଆସିପାରୁଛନ୍ତି। ଏହା ପ୍ରକୃତରେ ସେମାନଙ୍କ ଘରବାହୁଡ଼ା।



ଚାରିଜଣଯାକ କଥାବାର୍ତ୍ତାହୋଇ ଚାଲୁଚାଲୁ ବେଳଗଡ଼ିଯାଇ ମଧ୍ୟାହ୍ନଭୋଜନ ସମୟ ହେଲା। ବାଟରେ ସେମାନେ ସାଥିରେ ନେଇଥିବା ଲୁଚି, ଦହିବାଇଗଣ ସାଙ୍ଗରେ ଟିକେଲେଖାଁ ଚିଙ୍ଗୁଡ଼ି ଆଚାର ଲଗାଇ ଖାଇଲେ। କିନ୍ତୁ ପେଟ ନପୂରିଲା ଭଳିଲାଗିଲା। ବୋଧେ ଭୋକ ଯୋଗୁନୁହେଁ, ଆଗକୁ ଭୋକହେବାର ଆଶଙ୍କାରେ। କାରଣ ଯାତ୍ରା ଆହୁରି ବାକିଥିଲା। ଆଗକୁ ଗଲାବେଳେ ସଭିଙ୍କ ଦୃଷ୍ଟି ସର୍ବଦା ସମୁଦ୍ରଆଡ଼କୁ ରହିଥାଏ। ଶେଷରେ ଆଶା ନିରାଶାରେ ପରିଣତହେଲା। ମନଟା ଭାଙ୍ଗିଗଲା ପରି ସ୍ୱରରେ ଜେହାନ୍ କହିଲା, "ଆଜି ସେମାନେ ନଆସିବାକୁ ସ୍ଥିର କରିଛନ୍ତି।"

ହୁଏତ କାଲି ଆମକୁ ଆସିବାକୁ ପଡ଼ିବ। ହେଇଟି, ଦେଖଦେଖ, ମୁଁ ଦେଖିପାରୁଛି କଇଁଛର କୁଦଭଳି ଢାଲୁ ହୋଇଥିବା ପିଠିର ଖୋଳପା, ଢେଉରେ ଦୋହଲି ଉପରତଳ ହେଉଛି। ଇଏ ନିଶ୍ଚେ ଅଲିଭ ରିଡଲେ, ଇଆଡ଼କୁ ଆସୁଛି, କୂଳକୁ ଆସୁଛି।

ଉଭୟ ଜେହାନ୍ ଓ ରୁନୁ ଖୁସିରେ ତାଳିମାରି ନାଚିବାରେ ଲାଗିଲେ। ଶ୍ରୀ ଶାପୁର ଆଉ ପ୍ରିତେଶ ବାଇନୋକୁଲାର ଧରି ଅପଲକ ଆଖିରେ ସେଦିଗକୁ ଚାହିଁଥାନ୍ତି। କୂଳ ଜଗୁଥିବା ପହରାଦାରମାନେ ପାଣିପାଖକୁ ଲାଗିଆସିଲେ।

କଇଁଛଦଳ ଲହଡ଼ି ଭିତରୁ ଉଠି ବାଲିରେ ପାଦଦେଲେ ଆଉ ମୁହୂର୍ତ୍ତେ ସ୍ଥିରରହିବାପରେ ଆହୁଲାପରି ପାଦରେ ପହିଆମାରି ତଟର ଉପରଆଡ଼କୁ ଚାଲିବାରେ ଲାଗିଲେ।

"ସ୍ୱାଗତମ୍, ସ୍ୱାଗତମ୍!" ଅତିଶୟ ଖୁସିକୁ ଲୁଚାଇନପାରି ରୁନୁ ପାଟିକଲା। ସେତିକିବେଳେ ଲହଡ଼ିମାଳରୁ ଉପରକୁ ଉଠି ଦିଶିଲା ଆଉଗୋଟେ କଇଁଛର ମୁଣ୍ଡ, ତାପରେ ଗୋଟେ, ପୁଣି ଆଉଗୋଟେ......କୂଳଆଡ଼କୁ ମୁହାଇଁଥିଲା ଅସୁମାରି କଇଁଛଙ୍କ ସୁଅ। ଯେମିତି ମାଡ଼ିଆସୁଥିବା ସେନାବାହିନୀ। ସେମାନେ ଗଣିବା ବନ୍ଦକଲେ।
ସର୍ବୋଚ୍ଚ ଜୁଆର ରେଖା ଡେଇଁ ସେମାନେ ଉପରକୁ ଉଠୁଥାନ୍ତି, ଯେଉଁଜାଗାରେ ଅଣ୍ଡାସବୁ ନିରାପଦ ରହିବ। ମାତ୍ର ଆହୁଲାପରି ପାଦରେ ବାଲିରେ ଚାଲିବା ସେମାନଙ୍କ ପାଇଁ କଷ୍ଟକର ମନେହେଲା। ଯେଉଁପାଦ ସମୁଦ୍ରରେ ସେମାନଙ୍କୁ ସୁଦକ୍ଷଭାବେ ପହଁରିବାରେ ସାହାଯ୍ୟକରେ, ତାହା ବାଲିରେ ଚଳିବାକୁ ଅକ୍ଷମ। ଟିକେବାଟ ଚାଲିବାପରେ ସେମାନେ ଅଣନିଶ୍ୱାସୀ ହୋଇ ରହିଯାଉଥାନ୍ତି।

"ମାଆ କଇଁଛମାନେ ସତରେ ଛୁଆ ଦେବାପାଇଁ କେତେ ଅସୁବିଧା/ବାଧାବିଘ୍ନକୁ ସାମନା କରିଆସୁଛନ୍ତି", ରୁନୁ ମନ୍ତବ୍ୟ ଦେଲା।

"ଏତେସବୁ ପରିଶ୍ରମ ମାଆର ସ୍ନେହଯୋଗୁ ହିଁ ସମ୍ଭବ", ଜେହାନ୍ କହିଲା।

ଏକଦମ ସତକଥା, ପୁଅରେ ବିଜ୍ଞତାର କଥାଟିଏ, ବାପା ଗୌରବ ଅନୁଭବକରି ପୁଅପିଠିକୁ ଆଦରରେ ଥାପୁଡ଼େଇ ଦେଲେ।

ଉପଯୁକ୍ତ ସ୍ଥାନଟିଏ ପାଇଲାପରେ କଇଁଛମାନେ, ନିଜ ପଛପଟ ଆହୁଲାପାଦ ଯୋଡ଼ିକରେ ଗାତଖୋଳିବାରେ ଲାଗିଗଲେ। କେତେକ ପୂର୍ବରୁ ଆସି ଅଣ୍ଡାଦେଇଥିବା ଗାତମାନ ପାଉଥାନ୍ତି। ସେସବୁ ଅଣ୍ଡାକୁ କାଢ଼ିଫୋପାଡ଼ିଦେଇ ସେଇ ଗାତରେ ନିଜର ଗୋଲଗୋଲ ଦିଶୁଥିବା ଅଣ୍ଡାଦେଉଥାନ୍ତି!

ସେମାନଙ୍କ ମୁଣ୍ଡଉପରେ, ଆକାଶରେ ଦଳଦଳ ସିଗୁଲ୍ ଆଉ ଧଳା-ପେଟିଆ ସମୁଦ୍ର ଇଗଲ ଚକ୍କର ମାରୁଥାନ୍ତି, ସୁଯୋଗ ପାଇଲେ ଗୋଟେଦିଟା ଅଣ୍ଡାଧରି ପଳେଇବା ପାଇଁ। ନିର୍ବିଘ୍ନରେ ନିରନ୍ତର ଅଣ୍ଡାଦେବା ପ୍ରକ୍ରିୟା ଶେଷହେବାଲାଗି ଆବଶ୍ୟକ ସୁରକ୍ଷା ଉଦ୍ଦେଶ୍ୟରେ ସେତେବେଳକୁ ଅଧିକ ବନକର୍ମଚାରୀ ଆଗରୁଥିବା ଗ୍ବାର୍ଡଙ୍କୁ ସହାୟତାକରିବା ସକାଶେ ପହଞ୍ଚି ଯାଇଥିଲେ। ଭାଙ୍ଗିପଡ଼ିଥିବା ଡାଳ, ପତ୍ର ଇତ୍ୟାଦି ଧରି ସେମାନେ ଲଗାତର ପକ୍ଷୀମାନଙ୍କୁ ଘଉଡ଼ାଉଥାନ୍ତି।

"ସେମାନେ ସିନା ଚାରିଗୋଡ଼ିଆ ବଣୁଆତସ୍କରଙ୍କୁ ରୋକିବା ପାଇଁ ବାଡ଼କରି ଦେବେ, କିନ୍ତୁ ଆକାଶରେ ପଇଁତରା ମାରୁଥିବା ଅନୁପ୍ରବେଶକାରୀ ପକ୍ଷୀଙ୍କୁ ଜଗିବାକୁ କୌଣସି ଉପାୟନାହିଁ," କହିଲେ ଶ୍ରୀ ଶାପୁର।

ସୁରକ୍ଷାଦଳର ପିଲାମାନେ କଇଁଛ ଦେଇଥିବା ଅଣ୍ଡାଗଣିଲେ। ଏହାର ସଂଖ୍ୟା ଶହେ ରୁ ଦୁଇଶହ ଭିତରେ ହେଲା।

ଅଣ୍ଡା ଦେଇସାରି ମାଆକଇଁଛଦଳ ନିଜ ଆଗପଟ ଆହୁଲାପାଦରେ ବାଲି ଟାଣିଆଣି ଗାତଗୁଡ଼ିକୁ ଭର୍ତ୍ତିକରିବାରେ ଲାଗିଲେ। ବିଚିତ୍ର କଥା ହେଉଛି, ଚାରିପଟକୁ ତିନିଫୁଟ୍ ଆକାରରେ ବାଲିଉପରେ ସେମାନେ ଆଗପାଦକୁ ଥାପୁଡ଼େଇ ଚଳାଚଳର ସବୁଚିହ୍ନକୁ ଲିଭାଇଦେଲେ। ଏପରିକି ସୁରକ୍ଷାକୁ ନିଶ୍ଚିତ କରିବାପାଇଁ ଶେଷରେ ଆଖପାଖରୁ ଡାଳପତ୍ର ସଂଗ୍ରହକରି ଅଣ୍ଡାଦାନ ସ୍ଥଳକୁ ଘୋଡ଼ାଇ ପକାଇଲେ।

"ଆରେ ବାଃ! ସେମାନେ ବୁଦ୍ଧିମାନ ନୁହଁନ୍ତି? ଜେହାନ୍ ଦୃଢ଼ତାର ସହିତ କହିଲା। ସେମାନେ ଚାହାଁନ୍ତି ନିଜ ଛୁଆଥିବା ଦୁର୍ମୂଲ୍ୟ ଅଣ୍ଡାଗୁଡ଼ିକ ବାଲିଭିତରେ ଅଛି ବୋଲି କେହି ଯେମିତି ସନ୍ଦେହ ନକରନ୍ତି।"



ଅଣ୍ଡାଦାନ ପର୍ବ ସରିବାବେଳକୁ, ପୁଣିଥରେ ଜୁଆର ଉଠିଲା। ସୂର୍ଯ୍ୟ ବୁଡ଼ିଯାଇଥିଲେ, ଏବଂ ସଞ୍ଜର ଅନ୍ଧାର ମାଡ଼ି ଆସୁଥିଲା। ଏଥର କଇଁଛମାନେ ସେମାନଙ୍କ ଜଳର ଦୁନିଆକୁ ଫେରିବାରେ ଲାଗିଲେ। ଚାରିହେଁ ଦେଖୁଥାନ୍ତି ଏହି ନିରୀହ ଜୀବମାନେ କେମିତି ଲହଡ଼ିମାଳାରେ ଚଢ଼ି ଭାସିଯାଉଛନ୍ତି। ଛୋଟଛୋଟ ବିନ୍ଦୁଭଳି ଦିଶିବା ଓ ଶେଷରେ ଅଦୃଶ୍ୟ ହୋଇଯିବା ପର୍ଯ୍ୟନ୍ତ ସେମାନେ ଚାହିଁରହିଲେ।

ଏବେ ଚାରିଜଣଙ୍କର ଘରବାହୁଡ଼ା ବେଳ। ତଟରକ୍ଷୀମାନଙ୍କୁ ସେମାନେ ବିଦାୟ ଜଣାଇଲେ। ଏବେ ବହୁସଂଖ୍ୟକ ଅଣ୍ଡାଦେବା ସ୍ଥାନକୁ ଜଗିବାଲାଗି ବନକର୍ମଚାରୀଙ୍କର ଦାୟିତ୍ୱ ବଢ଼ିଯାଇଥାଏ। ଅଣ୍ଡାଫୁଟି ଛୁଆସବୁ ସମୁଦ୍ରକୁ ଯିବାଯାଏଁ ସେମାନଙ୍କୁ ଦିନରାତି ବୁଲିବାକୁ ପଡ଼ିବ।

ସେଦିନର ଦୃଶ୍ୟକୁ ମନଭରି ଉପଭୋଗ କରିଥିବା ଯୋଗୁ ଚାରିଜଣଯାକ ସନ୍ତୋଷ ମନରେ ଭାରି ଉତ୍ସାହିତହୋଇ ଆଳାପକରୁକରୁ ବୋଟ ସେମାନଙ୍କୁ ଆଶ୍ରୟସ୍ଥଳକୁ ଫେରାଇ ଆଣିଥିଲା। ଜେହାନ୍ ଓ ରୁନୁଙ୍କ କଥାବନ୍ଦ ହେଉନଥାଏ। "ଏଠାକୁ ଏତେ କଇଁଛ ଆସୁଛନ୍ତି, ଆଉସମସ୍ତେ ଏତେଗୁଡ଼ାଏ ଅଣ୍ଡା ଦେଉଛନ୍ତିମାନେ କଇଁଛଙ୍କ ସଂଖ୍ୟା ନିଶ୍ଚୟ ବଢ଼ିବ, ଏଥିରେ ସନ୍ଦେହ ନାହିଁ," ଜେହାନ୍ ମନ୍ତବ୍ୟଦେଲା।

"ଦୁର୍ଭାଗ୍ୟର ବିଷୟ, ଏଭଳି ଘଟେନାହିଁ," ପ୍ରିତେଶ ତାକୁ ଗୋଟିଗୋଟିକରି ବତାଇଦେଲେ। "ପ୍ରଥମ କଥାହେଲା, ସବୁଅଣ୍ଡା ଭଲରେ ଫୁଟେନି। ଅନ୍ୟପକ୍ଷରେ, ଯେଉଁଛୁଆମାନେ ଅଣ୍ଡାରୁଫୁଟି ସମୁଦ୍ରକୁ ଯାଆନ୍ତି, ପ୍ରତି ହଜାରକରେ ଅଳ୍ପ କେତେକ ବଞ୍ଚି ବଡ଼ହୁଅନ୍ତି।"

"ତାମାନେ କୁନିଛୁଆମାନଙ୍କୁ ଅନ୍ୟ ସାମୁଦ୍ରିକ ପ୍ରାଣୀମାନେ ଖାଇଯାନ୍ତି", ରୁନୁ କଥାଯୋଡ଼ିଲା।

"ତେବେ ଏତେ କଷ୍ଟକରି ମାଆମାନେ ଅନେକ ଛୁଆଜନ୍ମକଲେ ବି ଶେଷରେ ଅଳ୍ପ କେତୋଟି ମାତ୍ର ବଞ୍ଚିପାରନ୍ତି," ଜେହାନ୍ ଦୀର୍ଘଶ୍ୱାସ ପକାଇ କହିଲା।

"ଏହା ବ୍ୟତୀତ, ସମୁଦ୍ରଜଳର ପ୍ରଦୂଷଣ ଓ ଜଳବାୟୁ ପରିବର୍ତ୍ତନ ଭଳି ସମସ୍ୟାଯୋଗୁ ଅଣ୍ଡିରାଛୁଆ ତୁଳନାରେ ଅଧିକ ମାଈଛୁଆ ଜନ୍ମହୁଅନ୍ତି। ମାଈ–ଅଣ୍ଡିରା ସନ୍ତୁଳନ ବିଗିଡ଼ିଯିବାରୁ ପ୍ରଜନନ ସଂଖ୍ୟା କମିବାରେ ଲାଗେ।"

"ପୁଣି ଜଳ ତଥା ବାଲୁକାରାଶିର ତାପମାତ୍ରା ବୃଦ୍ଧି ମଧ୍ୟ ସ୍ୱାଭାବିକଭାବେ କମଛୁଆ ଫୁଟିବାର କାରଣ ହୋଇଥାଏ", ଶ୍ରୀ ଶାପୁର ଆହୁରି ଗୁରୁତ୍ୱପୂର୍ଣ୍ଣ ତଥ୍ୟ ଯୋଗକଲେ।

"ମୁଁ ଏବେ ଜାଣୁଛି, ଅଲିଭ ରିଡଲେ କଇଁଛଙ୍କ ଅଣ୍ଡାଦେବା ଋତୁରେ ଭିତରକନିକା ବନବିଭାଗ ଏଠାରେ ଲୋକଙ୍କ ଚଳପ୍ରଚଳ ଉପରେ କାହିଁକି ଏତେ କଡ଼ାକଡ଼ି କଟକଣା କରନ୍ତି", ବୋଟରୁ ଓହ୍ଲାଇ ଅପେକ୍ଷା କରିଥିବା ଜିପକୁ ଉଠିଲାବେଳକୁ ରୁନୁ ଏଇ ଶେଷକଥା ପଦକକହିଲା।

. . . ବିଦାୟ ପିର୍ୟ କଇଁଛ, ଆମେ ଆପଣଙ୍କୁ ଶୁଭେଚ୍ଛା ଜଣାଉଛୁ

ଯେତେବେଳେ ଆପଣ ସମୁଦର୍ ପାର ହୁଅନିତ୍,

ଆମେ ଆପଣଙ୍କର ଉତତ୍ମ ସ୍ୱାସ୍ଥ୍ୟ କାମନା କରୁଛୁ

ଖୋଲା ହାତରେ ଆମେ ଆପଣଙ୍କୁ ପୁଣି ସ୍ୱାଗତ କରିବୁ ।

ତୁମଭ୍ର ବଂଶ ବୃଦ୍ଧି ହେଉ, ତୁମେ ଅଧିକ ଅଣ୍ଡା ଦିଅ,

ଏହି ତରଙ୍ଗରେ ଚଢ଼ିବା ବେଳେ ଆପଣଙ୍କୁ ଶୁଭେଚ୍ଛା,

ବିଦାୟ ପିର୍ୟ କଇଁଛ, ପୁଣି ଏଠାକୁ ଆସ. . .



ଆପଣ ଜାଣନିତ୍ କି?

ଆଜିକାଲି ପାଲ୍ଷ୍ଟିକ ପର୍ଦୂଷଣ ଯୋଗୁଁ ସାରା ବିଶ୍ୱରେ କଇଁଛ ମରିବାରେ ଲାଗିଛି । ସେମାନେ ଅନେକ ସମୟରେ ପାଲ୍ଷ୍ଟିକ୍ ବୟ୍ାଗ୍ କୁ ଜେଲିଫିସ୍ ବୋଲି ଭୁଲ କରନିତ୍ ଯାହା ସେମାନଙ୍କଖାଦୟ୍ ଅଟେ । ଫଳରେ ଏହାକୁ ଖାଇ ସେମାନେ ଶ୍ୱାସରୁଦ୍ଧ ହୋଇଯାଆନିତ୍। ବେଳେବେଳେ ବିଶାଳ ମାଛଧରା ଟର୍ଲରରୁ ପୋର୍ପେଲର ଦ୍ୱାରା ସେମାନେ ଆହତ ମଧୟ୍ ହୁଅନିତ୍ । ଅନୟ୍ ସମୟରେ ସେମାନେ ସମୁଦର୍କୁ ଫିଙ୍ଗି ଦିଆଯାଉଥିବା 'ghost nets' (ପୁରୁଣା ମାଛଧରା ଜାଲ)ରେ ଫସି ଯାଆନିତ୍। ଆସନ୍ତୁ କଇଁଛଙ୍କୁ ସାହାଯୟ୍ କରିବା ପାଇଁ ଆମ ଜୀବନରେ ପାଲ୍ଷ୍ଟିକକୁ ହଟାଇବା, ହାର୍ସ କରିବା ଏବଂ ପୁନଃବୟ୍ବହାର କରିବାକୁ ଶପଥ ନେବା ।

ଅତିଥି ପକ୍ଷୀ

ଜେହାନ୍ ଓ ତା ବାପା ଶ୍ରୀ ଶାପୁରଙ୍କ ପାଇଁ ଗତସପ୍ତାହଟା ବାଜପକ୍ଷୀର ଉଡ଼ାଣଠାରୁ ଆହୁରି ଦ୍ରୁତଗତିରେ ଚାଲିଗଲା। ମାତ୍ର ଦିନଗୁଡ଼ାକ ଥିଲା ନାନା ଦୁଃସାହସିକ ଅଭିଯାନରେ ଭରା ଆଉ ଘଟଣାବହୁଳ। ଯାତ୍ରାକାଳରେ ସେମାନେ ଦେଖିବାକୁ ପାଇଲେ ପ୍ରଚୁର ଜୈବବିବିଧତାରେ ପରିପୂର୍ଣ୍ଣ ବହୁଧରଣର ଭୂମିରୂପ। ସବୁଠୁ ବିଶେଷ କଥାହେଲା, ସେମାନେ ଭିତରକନିକାର ଏହି ବିଶ୍ୱପ୍ରସିଦ୍ଧ ହେନ୍ତାଳବନ ଅଞ୍ଚଳରେ ଲୋକଙ୍କ ଜୀବନଶୈଳୀକୁ ପ୍ରତ୍ୟକ୍ଷଭାବେ ଦେଖିବାର ସୁଯୋଗ ପାଇଲେ। "ମୋ ଅନୁଧ୍ୟାନ ରିପୋର୍ଟ ତ ଏକାଧିକ ଭାଗହେବ", ଶ୍ରୀ ଶାପୁର ମନେମନେ ଭାବିଲେ।

ତେବେ, ଭିତରକନିକାରେ ତାଙ୍କ ରହଣି ସରିଆସୁଥିଲା। ଖୁବ ଶୀଘ୍ର ଜେହାନ୍ ର ସ୍କୁଲ୍ ବି ଖୋଲିଯିବ।

ବାପା ଯେତେବେଳେ ଏକଥା ଜେହାନ୍‌କୁ କହିଲେ, ତାର ମନର ସରାଗ ଓ ଦୁଃସାହସିକ ଯାତ୍ରା ନିମନ୍ତେ ଅଦ୍ଭୁତ ଉତ୍ସାହ ଅଚାନକ୍ ମଉଳିଗଲା। ତାଉପରକୁ ଯେମିତି ଘୋଟିଆସିଲା ବିଷାଦର କଳାବାଦଲ। "କେବଳ ଦୁଇଦିନ ରହିଲା ଆମ ଫେରିବାକୁ। ମୋର ସବୁଠୁ ପ୍ରିୟ ସାଙ୍ଗ ରୁନୁକୁ ଛାଡ଼ି କେମିତି ଯିବି ସତେ?", ହଠାତ୍ ତା ମୁହଁରୁ ବାହାରି ପଡ଼ିଲା। ମୁଁ ଗଲା ସପ୍ତାହରେ ବହୁତ କିଛିଶିଖିଛି; ବିଦ୍ୟାଳୟର ପାଠ୍ୟପୁସ୍ତକରୁ ଛଅମାସ ଭିତରେବି ଏହାର ଅଧା ଶିଖିଥାନ୍ତି! ମାମାଙ୍କୁ ଏଠାକୁ ଡାକି ଆଉଗୋଟେ ମାସ କଟାଇ ହୁଅନ୍ତାନି?

"ବର୍ଷର ଏଇ ସମୟରେ ମାମାଙ୍କୁ ତାଙ୍କ କାମରୁ ଛୁଟିମିଳିବନି, ଜେହାନ୍! ତୁ ତ ଜାଣୁ। ରୁନୁର ସ୍କୁଲ୍ ବି ଅଳ୍ପଦିନପରେ ଖୋଲିଯିବ। ମୁଁ କଥାଦେଉଛି, ଆମେ ସମସ୍ତେ ମିଶି ପରବର୍ତ୍ତୀ ସ୍କୁଲ୍ ଅବକାଶ ସମୟରେ ମାମାଙ୍କୁ ଆଣି ପୁଣି ଏଠାକୁ ଆସିବା।"

ଆଉଥରେ ଏଠାକୁ ଆସିବାକଥା ଶୁଣିବାପରେ ତାମନରୁ ବିଷର୍ଣ୍ଣଭାବ ଟିକେ ଅପସରିଗଲା। "ଏବେ କହ, ତୋର ଆସନ୍ତାକାଲି କୁଆଡ଼େ ଯିବାକୁ ମନ?", ବାପା ପଚାରିଲେ।

ଦୁହିଁଙ୍କ ଆଳାପ ଶୁଣୁଥିବା ପ୍ରିତେଶ ମଝିରେ କଥାଟିଏ କହିଲା। "ଆଚ୍ଛା! 'ହେରନରୀ' ମାନେ ବଗଜାତୀୟ ଓ ଜଳଚର ପକ୍ଷୀମାନଙ୍କ ଅଭୟାରଣ୍ୟ ଯିବାକି? ଶୀତ ଯୋଗୁ ଥଣ୍ଡାଅଞ୍ଚଳରୁ ଏଠାକୁ ଏପ୍ରକାର ହଜାରହଜାର ପକ୍ଷୀ ଆସିବାରେ ଲାଗିଛନ୍ତି, ଏଠି ଅଣ୍ଡାଦେବେ। ବହୁଦୂର ଅତିକ୍ରମକରି ସେମାନେ ସାଇବେରିଆ, ପୂର୍ବ-ୟୁରୋପ ଏପରିକି ଚୀନରୁ ମଧ୍ୟ ଆସୁଛନ୍ତି। ଏହା ଦେଖିଲାଭଳି ଅତି ଅପୂର୍ବଦୃଶ୍ୟ—ଏକ ଲକ୍ଷରୁ ଅଧିକପକ୍ଷୀ ଏଠାରେ ଏକତ୍ରିତ ହୁଅନ୍ତି। ନିଜ ଅଞ୍ଚଳରେ ଶୀତଋତୁର ଆଗମନରେ

ପଡୁଥିବା ଅତ୍ୟଧିକ ଥଣ୍ଡାରୁ ବର୍ତ୍ତିବାପାଇଁ ସେମାନେ ହଜାରହଜାର ମାଇଲ ଉଡ଼ିଆସନ୍ତି। ସେମାନଙ୍କ ମଧ୍ୟରେ ଅଛନ୍ତି ଇଣ୍ଡିଆନ ସ୍କିମର୍, ଗ୍ରେ ପେଲିକାନ୍, ଲେସର୍ ଆଡଜୁଟାଣ୍ଟ, ବ୍ଲାକ୍-ଟେଲ୍ଡ ଗଡୱିଟ୍, ଓରିଏଣ୍ଟାଲ୍ ଡାର୍ଟର, ନର୍ଦନ୍ ପିନଟେଲ୍, ବ୍ଲାକ୍-ନେକ୍ଡ ଷ୍ଟର୍କ ଆଦି ପକ୍ଷୀ ପ୍ରଜାତିର ବହୁସଂଖ୍ୟକ ସଦସ୍ୟ।

ପକ୍ଷୀ ଅଭୟାରଣ୍ୟ ଦେଖିବା ଆଶାରେ ଜେହାନ୍ ଉତଫୁଲ୍ଲିତ ଦିଶିଲା। "ଏଠାରେ ପ୍ରଚୁର ମାଛ ଓ ସାମୁଦ୍ରିକ ଖାଦ୍ୟ ଖାଇବାର ସୁଯୋଗ ଥିବାରୁ? ସେମାନେ କଣ ଏ କେନ୍ଦ୍ରାପଡ଼ାକୁ ଆସନ୍ତି,"

ବାପା କୁନି ପୁଅଟିର ବୁଦ୍ଧିକୁ ପ୍ରଶଂସା ନକରି ରହିପାରିଲେନି, ସୁନାପୁଅ କହି ତା ପିଠି ଥାପୁଡ଼େଇ ଦେଲେ। ତେଣୁ ପୁଣିଥରେ ଚାରିଜଣଙ୍କୁ ଡଙ୍ଗା ବାହିନେଲା ଚଢ଼େଇମାନେ ରୁଣ୍ଡହେଉଥିବା ଗୋଟେସ୍ଥାନକୁ। ଅନେକଗୁଡ଼ିଏ ସମାବେଶ ଭିତରୁ ଏହାଥିଲା ଅନ୍ୟତମ।

"ପର୍ଯ୍ୟଟକ, ପ୍ରକୃତି ଅଧ୍ୟୟନକାରୀ, ପକ୍ଷୀମାନଙ୍କୁ ଅନୁଧ୍ୟାନ କରୁଥିବା ବ୍ୟକ୍ତିସମୂହ ଖାସ୍ ସେମାନଙ୍କ ଫଟୋଉଠାଇବା ପାଇଁ ଓ ସେମାନଙ୍କ ସୌନ୍ଦର୍ଯ୍ୟ ତଥା କାର୍ଯ୍ୟକଳାପର ପ୍ରଶଂସା କରିବାସକାଶେ ପ୍ରତି ଶୀତଋତୁରେ ଏଠାରେ ହାଜର ହୁଅନ୍ତି", କହିଲେ ପ୍ରିତେଶ।

"ବର୍ଷାଋତୁରେ ଆଉ ଦଳେ ଚଢ଼େଇ ସେମାନଙ୍କ ଜାଗାଛାଡ଼ି ଏଠାକୁ ଆସନ୍ତିନିକି?", ଭଲକରି ଜାଣିବାପାଇଁ ରୁନୁ ପଚାରିଲା। "ବାପା କହୁଥିଲେ ବ୍ଲାକ୍ଆଇବିସ୍, କର୍ମୋରାଣ୍ଟ, ଗ୍ରେହେରନ୍, ଇଗ୍ରେଟ୍, ପର୍ପଲ୍ ହରନ୍ ସମେତ ଅନ୍ୟାନ୍ୟ ଚଢ଼େଇଦଳ ବର୍ଷାଦିନେ ଏଠାକୁ ଅଣ୍ଡା ଦେବାକୁ ଆସନ୍ତି। ସୁହାଇଲାଭଳି ପାଗ ଆଉ ପ୍ରଚୁରଖାଦ୍ୟ ସେମାନଙ୍କୁ ଏଠାକୁ ଟାଣିଆଣେ।"

"ପୂରାଠିକ୍" ଉତ୍ତର ଦେଇ କହିଲେ ପ୍ରିତେଶ। "ହେଲେ ବହୁତ ଚଢ଼େଇ ଗୋଟିଏ ଜାଗାରେ ଏକାଠି ହେଉଥିବାରୁ ଶିକାରୀମାନେ ସେମାନଙ୍କୁ ସହଜରେ ମାରିଦିଅନ୍ତି ଅଥବା ଧରିନିଅନ୍ତି।"

"ବନ୍ୟଜନ୍ତୁଙ୍କ ବ୍ୟବସାୟ ଉପରେ କଡ଼ା ଆଇନ ଥିବା ସତ୍ତ୍ୱେ ଏପରିହୁଏ?" ରୁନୁ ପଚାରିଲା।

THE BIRDING GAME - I

ପ୍ରିୟ ପାଠକ, ଏଠାରେ ଆପଣଙ୍କ ପାଇଁ କିଛି ଅଛି । ଶୀତକାଳୀନ ପକ୍ଷୀମାନଙ୍କୁ ସେମାନଙ୍କ ନାମ ସହିତ ମେଳ ଖାଆନ୍ତୁ। ଏଠାରେ କିଛି ସୂତ୍ର ଦିଆଯାଇଛି:

- **Indian Skimmer** - କଳା ଟୋପି , ହଳଦିଆ ଟିପ ସହ କମଳା ବିଲ , ଉପର ଚଞ୍ଚ ତୁଳନାରେ ନିମ୍ନ ଚଞ୍ଚ ଲମ୍ବ
- **Grey Pelican** -ମୁଣ୍ଡରେ ଧୂସର ରଙ୍ଗର କ୍ରେଷ୍ଟ, ଅତ୍ୟନ୍ତ ବଡ଼ ଚଞ୍ଚ , ସମସ୍ତ ପେଲିକାନ୍ ପରି, ନିମ୍ନ ଚଞ୍ଚ ମାଛ ଧରିବା ସମୟରେ ଏକ ବିଶାଳ ପାଉଚରେ ବିସ୍ତାରିତ ହୋଇପାରେ।
- **Lesser Adjutant** - ସାରସ ପରି ଏକ ପକ୍ଷୀ, ଖାଲି ମୁଣ୍ଡ ଓ ବେକ
- **Oriental Darter** - ସାପ ପରି ଲମ୍ବା, ପତଳା ଚଞ୍ଚ ଏବଂ ବେକ
- **Northern Pintail** - ଲମ୍ବା ବେକ ଓ ଲମ୍ବା ଲେଞ୍ଜ ଥିବା ବତକ
- **Black-tailed Godwit** - ପ୍ରତ୍ୟେକ ପଙ୍ଖାରେ କଳା ଓ ଧଳା ପଟ୍ଟା ଏବଂ କଳା ଓ ଧଳା ଲାଞ୍ଜ
- **Black-necked Stork** - ଲମ୍ବା ପକ୍ଷୀ, କଳା ମୁଣ୍ଡ ଓ ବେକ ସହ ସବୁଜ ରଙ୍ଗର ଚମକ

a)

b)

c)

d)

e)

f)



g)

THE BIRDING GAME - II

ମୌସୁମୀ ପକ୍ଷୀମାନେ ସେମାନଙ୍କ ନାମ ସହିତ ମେଳ ଖାଆନ୍ତୁ। ଏଠାରେ କିଛି ସୂତ୍ର ଦିଆଯାଇଛି:

- **Red-naped Ibis**: ଲାଲ ରଙ୍ଗର ପ୍ୟାଚ୍ ଥିବା କଳା ମୁଣ୍ଡ ,ସମସ୍ତ ଇବିସ୍ ପରି ତଳକୁ ଖସିଆସୁଥିବା ଚଞ୍ଚୁ ରହିଛି
- **Cormorant:** ଚାରିଆଡ଼େ କଳା ପଙ୍ଖା , ଲମ୍ବା, ବଙ୍କା ଚଞ୍ଚୁ
- **Egret:** ଚାରିଆଡ଼େ ଧଳା ପଙ୍ଖା । ଲମ୍ବା, ଖଞ୍ଜର ଭଳି ଚଞ୍ଚୁ ଏବଂ ଲମ୍ବା, ପତଳା ବେକ ଯାହା ବଙ୍କିପାରେ
- **Purple Heron**: ବେଗୁନି ପଙ୍ଖା ଥିବା ବଡ଼ ଓ ପତଳା ପକ୍ଷୀ ,ଧାର ଥିବା ବେକ , ମୁଣ୍ଡର ରଙ୍ଗ ଜଙ୍ଗ ଭଳି

a)

b)

c)

d)

ଉତ୍ତର:

Birding Game II

(a) Egret (b) Black Ibis (c) Purple Heron (d) Cormorant

Birding Game I

(a) Black-necked Stork (b) Black-tailed Godwit (c) Grey Pelican (d) Indian Skimmer

(e) Lesser Adjutant (f) Northern Pintail (g) Oriental Darter

ଏସବୁ ସହଜ ଥିଲା, ନୁହେଁ କି? ଆପଣ ନିଶ୍ଚିତ ଭାବରେ ସମସ୍ତଙ୍କୁ ବିନା ସନ୍ଦେହରେ ସଠିକ୍ ଭାବରେ ଚିହ୍ନଟ କରିଥିବେ! ଯଦି ନାହିଁ, ତେବେ ଅଭ୍ୟାସ କରନ୍ତୁ ଯେପର୍ଯ୍ୟନ୍ତ ଆପଣ ଆପଣଙ୍କ ଘର ଅଂଶୀଦାର କରୁଥିବା ଏହି ସମସ୍ତ ଆଶ୍ଚର୍ଯ୍ୟଜନକ ପକ୍ଷୀକୁ ଚିହ୍ନିବାରେ ସକ୍ଷମ ନୁହଁନ୍ତି ।

“ଦୁଃଖର କଥା ଲୁଚାଛପାରେ ଦେଶର ବିଭିନ୍ନ ଅଭୟାରଣ୍ୟରେ ଏଭଳି ବେଆଇନ ଶିକାର ଘଟେ”, ପ୍ରିତେଶ ଦୀର୍ଘଶ୍ୱାସ ପକାଇ କହିଲେ। “କେନ୍ଦ୍ରାପଡ଼ାରେ ବି ଏହି ଅକାର୍ଯ୍ୟ ହୁଏ। ଅବଶ୍ୟ ଏହାର ନିରାକରଣ ପାଇଁ ଏଠା ବନବିଭାଗ ଅଧିକ ସତର୍କ ଏବଂ ଶିକାରୀମାନଙ୍କ ଗତିବିଧିଉପରେ ତୀକ୍ଷ୍ଣ ଦୃଷ୍ଟି ରଖିଛନ୍ତି।”

ସେଦିନ ସନ୍ଧ୍ୟାରେ ଜିପ୍ ରେ ଘରକୁ ଫେରୁଥିଲାବେଳେ ସେମାନଙ୍କ ପାଇଁ ଅପେକ୍ଷା କରିଥିଲା ଆଉଏକ ରୋମାଞ୍ଚକର ଘଟଣା। ଗାଡ଼ିର ହେଡଲାଇଟ୍ ପଡ଼ି ରାସ୍ତାମଝିରେ କଣଗୋଟାଏ ଚାଲୁଥିବା ଭଳି ଦେଖାଗଲା, ଡ୍ରାଇଭର୍ ତୁରନ୍ତ ବ୍ରେକ୍ କଷି ଗାଡ଼ି ଠିଆକଲେ। “ଇଏତ ସାପ–ନାଗଟେ!” ରୁନୁ ବିସ୍ମିତ ହୋଇ କହିଲା।

“ଏତେ ବଡ଼!” ଜେହାନ୍ ଚିତ୍କାରକଲା। “ଇଏ କଣ କିଙ୍ଗ୍ କୋବ୍ରା?”

“ହଁ, ଠିକ୍,” ପ୍ରାୟ ଉତ୍ତେଜିତ ସ୍ୱରରେ ଶ୍ରୀ ଶାପୁର ବି ପାଟିକଲେ। “ଏଇଟା ଗୋଟେ କିଙ୍ଗ୍ କୋବ୍ରା ମାନେ ଅହିରାଜ। ଯାର ଲମ୍ବ ନିଶ୍ଚିତ ଦଶଫୁଟରୁ କମ୍ ହେବନି।”

ସେମାନେ ଦେଖୁଥାନ୍ତି, ଅହିରାଜଟି ଖୁବ୍ ଧିରେସୁସ୍ଥେ ସାପେଇସାପେଇ ରାସ୍ତାପାର ହେଲା। ଆଉ ରାସ୍ତାକଡ଼ରେ ଗଦାହୋଇଥିବା ଝଡ଼ାପତ୍ର ଚାରିପଟେ କୁଣ୍ଡଳୀ ମାରିରହିଲା।

ପ୍ରିତେଶର ଆଖି ବଡ଼ବଡ଼ ହୋଇଗଲା। ସେପଚାରିଲା, “ସେଇଟା କଣଜାଣିଛ? ତାହା କୌଣସି ସାଧାରଣ ପତ୍ରଗଦା ନୁହେଁ। ଏହା ସାପର ବସା!”

“ତୁମେ କହୁଛ ପତ୍ରର ସେଇଗଦାଟି....” ଜେହାନ୍ ମୁହଁରୁ କଥାଟା ବାହାରିଲା ମାତ୍ରେ ରୁନୁ ଅଟକାଇଲା। “ହଁ, ହଁ, କିଙ୍ଗ୍ କୋବ୍ରାମାନେ ହିଁ ଏକମାତ୍ର ସାପଜାତି ଯିଏ ତା ନିଜବସା ତିଆରିକରେ,” ରୁନୁ କଥା ଯୋଡ଼ିଲା।

ସାପ ଏବେ ତା ଶରୀରର ଉପରାର୍ଦ୍ଧକୁ ଉପରକୁ ଉଠାଇ ଲାଞ୍ଜରେ ଠିଆହୋଇ ପଡ଼ିଲା, ବିରାଟ ଫଣାମେଲାଇ ଆମକୁ ସତର୍କ କରିଦେବା ପାଇଁ ତା ଲମ୍ବଜିଭକୁ ଲହଲହ କଲା।

ପ୍ରିତେଶ କହିଲେ, ଯଦି ଫଟୋ ନେବାକୁ ଚାହୁଁଛ ତୁରନ୍ତ ଉଠାଅ। ଆମେମାନେ ତା ବସାପାଖରେ ଏତେ ସମୟଧରି ରହିବା ଅନୁଚିତ। ମାଆ କୋବ୍ରାଭାରି ଆକ୍ରମକ। କିଙ୍ଗ୍ କୋବ୍ରାମାନେ ଉତ୍କଟ ବିଷଧର।

ମନ ବୋଧକରି ଫଟୋ ଉଠାଇବାପରେ ସେମାନେ ଗାଡ଼ିନେଇ ଚାଲିଯାଉଥିବାବେଳେ ପ୍ରିତେଶ ଗୋଟେ ଗପକହି ପିଲାଦୁହିଁଙ୍କୁ ଆମୋଦିତ କରିଦେଲେ। “କେତେବର୍ଷ ତଳେ, କିଛିଲୋକ ଏଇ କିଙ୍ଗ୍ କୋବ୍ରାମାନଙ୍କୁ ଧରି ଗାଁ, ଗାଁ ବୁଲୁଥିଲେ। ସେମାନେ ଜୋରଦେଇ କହୁଥିଲେ, ବିଭିନ୍ନ ରୋଗରୁ ଆରୋଗ୍ୟ ପାଇଁ କୋବ୍ରାଙ୍କ ଠାରୁ ଔଷଧୀୟ ଗୁଣଥିବା ଦ୍ରବ୍ୟ ସହିତ ସାପକାମୁଡ଼ାରୁ ରକ୍ଷାକରିବାକୁ ବିଷହରଣ ଜିନିଷ କାଢ଼ି ନିଜପାଖରେ ରଖିଛନ୍ତି। ବିଷଧରସାପଙ୍କୁ ସେମାନଙ୍କ ଭୟନାହିଁ ବୋଲି ଦେଖାଇବା ଓ ଲୋକଙ୍କ ଭିତରେ ବିଶ୍ୱାସ ଜନ୍ମାଇବା ସକାଶେ ସେମାନେ କୋବ୍ରାର ପାଟି ମେଲାକରି ତା ବିଷଥଳିଟିକୁ ଯେମିତି ଟାଣି କାଢ଼ିଦେଉଥିଲେ। ସାଧାରଣ ଲୋକଙ୍କ ସରଳ ବିଶ୍ୱାସକୁ ନେଇ ସେମାନେ ଏପରିଭାବେ ରୋଜଗାର କରୁଥିଲେ।”

“ଏ ଗପଶୁଣି ମୋ ଦେହ ଶୀତେଇ ଉଠୁଛି। ଏମିତି ସାପଧରି ଗ୍ରାମବାସୀଙ୍କୁ ଦେଖାଉଥିବା ଲୋକେ ବେଉସା ଛାଡ଼ିଦେବେଣି?” ଜେହାନ୍ ପଚାରିଲା।

“ବର୍ତ୍ତମାନ ବନବିଭାଗ ଜଙ୍ଗଲ ଭିତରେ କୌଣସି ବଣ୍ୟଜନ୍ତୁଙ୍କୁ ଧରିବା କିମ୍ବା ମାରିବାକୁ ନିଷେଧକରି କଡ଼ାକଡ଼ି ନିୟମ କାର୍ଯ୍ୟକାରୀ କରୁଛନ୍ତି,” ରୁନୁ ଦୃଢ଼ସ୍ୱରରେ ଜଣାଇଦେଲା। “ତୁମେ ଜାଣିଛ, ଏପରି କାମକଲେ, ଏବେ ସେମାନଙ୍କୁ ଗିରଫ କରାଯାଇ ପାରିବ?”

“ଯାହାହେଉ ଖୁବ୍ ଭଲ ହେଉଛି। ଏଇ ହେନ୍ତାଳବନ ଓ ଏଠାକାର ବାସିନ୍ଦାମାନେ ଯୁଗଯୁଗଧରି ଏମିତି ମିଳିମିଶି ରହିବେ ହିଁ ରହିବେ,” ଜେହାନ୍ ଶେଷକୁ ତା ମନକଥା କହିଦେଲା। ଏହିପରି ଭାବେ ଆଉ ଗୋଟିଏ ରୋମାଞ୍ଚକର ଯାତ୍ରା ଶେଷହେଲା।

ବନବିଭାଗ ଗେଷ୍ଟ ହାଉସ୍ କୁ ଫେରିଆସି ବଢ଼ିଆ ରାତ୍ରୀଭୋଜନ ସାରି ଜେହାନ୍ ଅବିଳମ୍ବେ ଶୋଇପଡ଼ିଲା। “ପ୍ରାୟ ସରିଗଲା ମୋ ସ୍ୱପ୍ନର ଛୁଟିଦିନ। ଆସନ୍ତାକାଲି ହେବ ଆମ ବୁଲାବୁଲିର ଶେଷଦିନ”, ସେ ହାଇମାରିଲା ଆଉ ମୁହୂର୍ତ୍ତକେ ଗଭୀର ନିଦ୍ରାରେ ବୁଡ଼ିଗଲା।

. . . ଏଠାକୁ ସେମାନେ ଆସନ୍ତି, ଆମର ଅତିଥିମାନେ

ସେମାନେ ନିଜ ଘରର ପ୍ରବଳ ଥଣ୍ଡାରୁ ରକ୍ଷା ପାଇଛନ୍ତି

ସେମାନଙ୍କ ମଧ୍ୟରୁ ହଜାର ହଜାର ଲୋକ ପହଞ୍ଚିଛନ୍ତି ଏବଂ
ସେମାନେ ଶବ୍ଦ କରୁଛନ୍ତି

ଯେତେବେଳେ ସେମାନେ ଆମ ଆଦର୍ଶଭୂମି ପରିଦର୍ଶନ କରନ୍ତି
ସେମାନେ ଖୁସି ହୁଅନ୍ତି

ପ୍ରଚୁର ପରିମାଣରେ ଖାଦ୍ୟ ଅଛି, ଜଳବାୟୁ ଠିକ୍

ବହୁତ ଲମ୍ବା ଯାତ୍ରା ପରେ ସେମାନେ ଏକାଠି ହେବାକୁ ଏଠାକୁ
ଆସନ୍ତି

ଓହ କେତେ ଚମତ୍କାର ସୁନ୍ଦର ଦୃଶ୍ୟ!

ଆପଣ ଜାଣନ୍ତି କି?

କିଙ୍ଗ୍ କୋବ୍ରାର ବିଷ ଏତେ ଶକ୍ତିଶାଳୀ ଯେ ଏହା ଏକ ବିଶାଳ ହାତୀକୁ ମାରିପାରେ। କିନ୍ତୁ ଦେଶର ବିଭିନ୍ନ ସ୍ଥାନରେ ବିଭିନ୍ନ ପ୍ରକାର ର ସାପ ଦେଖିବାକୁ ମିଳୁଛି । ଏମାନଙ୍କ ମଧ୍ୟରୁ ଅଧିକାଂଶ ବିଷାକ୍ତ ନୁହଁନ୍ତି । ତେବେ ଯଦି କେବେ ସାପ କାମୁଡ଼ିଦିଏ ତେବେ ତୁରନ୍ତ ନିକଟସ୍ଥ ସ୍ୱାସ୍ଥ୍ୟକେନ୍ଦ୍ରକୁ ଯାଆନ୍ତୁ। ଯଦି ଆପଣ କେବେ ନିଜ ଘର କିମ୍ବା ସ୍କୁଲ ନିକଟରେ ସାପ ଦେଖନ୍ତି, ତେବେ ଆପଣ ସର୍ବଦା ନିକଟସ୍ଥ ବନ ବିଭାଗକୁ ଜଣାଇବା ଉଚିତ୍ ! ଆପଣଙ୍କ ବିଦ୍ୟାଳୟ ଏବଂ ପରିବାରକୁ ଆପଣଙ୍କ ଅଞ୍ଚଳର ସାପ କାମୁଡ଼ା ହେଲ୍ପଲାଇନ ବିଷୟରେ ଜାଣିବାକୁ କୁହନ୍ତୁ।

ସହାବସ୍ଥାନର ଦିନସବୁ ଏବଂ ବିଦାୟବେଳ

ପରଦିନ ମିଶ୍ରିତ ଅନୁଭବନେଇ ଜେହାନ୍ ଶେଜରୁ ଉଠିଲା। ମନଟା ଉଦାସ ଲାଗୁଥିଲା, କାରଣ କେନ୍ଦ୍ରାପଡ଼ାରେ ରୁନୁର ସାଙ୍ଗହୋଇ ବୁଲିବା ଆଜି ଶେଷଦିନ। ସେମାନେ ବିଳମ୍ବିତ ଅପରାହ୍ଣରେ ଏହିସ୍ଥାନ ଛାଡ଼ିବେ। କିନ୍ତୁ ସେ ଭାବିଚାଲିଥିଲା, ତା ମାମା ଓ ସ୍କୁଲସାଥିମାନଙ୍କ ସହିତ ମିଶି ସେ ପୁଣି ଯେମିତିହେଲେ ଏଠାକୁ ଆସିବ।

ସକାଳୁ ଶ୍ରୀ ଶାପୁର ସ୍ଥିର କଲେ ରୁନୁର ଗାଁଲୋକଙ୍କ ସାଙ୍ଗେ କଥାହେବେ। କୁମ୍ଭୀର ଏବଂ ହେନ୍ତାଳବନ ପରିବେଶ ବିଷୟରେ ପ୍ରତ୍ୟକ୍ଷଭାବେ ସେମାନଙ୍କଠାରୁ ମତାମତ ସଂଗ୍ରହ କରିବେ। ଏହାକୁ ଆଧାରକରି କୁମ୍ଭୀରମାନଙ୍କ ଉପସ୍ଥିତିମଧ୍ୟରେ ଅଞ୍ଚଳର ବାସିନ୍ଦା କିପରି ସହାବସ୍ଥାନ କରିବେ ତାହାର ସମାଧାନର ସୂତ୍ର ସେ ବାହାର କରିବେ। କେବଳ ସରକାର ଦେଇଥିବା ଦାୟିତ୍ୱ ଯୋଗୁନୁହେଁ, ସେ ନିଜେ ବି ଆଗ୍ରହୀ ହୋଇପଡ଼ିଥିଲେ ଏକ ଅସାଧାରଣ ପ୍ରାକୃତିକ ପରିବେଶ ଭିତରେ ଜନ୍ମହୋଇ ଜୀବନଧାରଣ କରୁଥିବା ଲୋକମାନଙ୍କୁ ସାହାଯ୍ୟ କରିବାକୁ।

ଶ୍ରୀ ଶାପୁରଙ୍କ ଆନ୍ତରିକ ଉଦ୍ୟମ ସାରାଗାଁରେ ଉନ୍ମାଦନା ସୃଷ୍ଟିକଲା। ଏହାଥିଲା ତାଙ୍କ ଗାଁକୁ ଆସିଥିବା ଅତିଥିଙ୍କ ରହଣିର ଶେଷଦିନ। ସମସ୍ତେ ଆଲୋଚନାରେ ଏକାଠି ହୋଇଥିଲେ। କେହି କ୍ଷେତକାମ ଅଥବା ସେଦିନର ମାଛଧରିବା କାମଛାଡ଼ି ରହିଥିବାବେଳେ ଆଉ କେତେକ ଘରକାମ ପଛରେପକାଇ ଯୋଗଦେଇଥିଲେ। କାହାଣୀପେଡ଼ି ଖୋଲି ଗପୁଥିବା ଗାଁର ବୟସ୍କ, ପୁରୁଖା ଲୋକମାନେ, ପିଲାମାନେ, ଶିକ୍ଷକବୃନ୍ଦ, ସଭିଏଁ ଉପସ୍ଥିତଥାଆନ୍ତି। ସେମାନେ ବସିଥିଲେ ରୁନୁ ଘରଆଗରେ ଥିବା ଗଛଛାଇରେ। ଅତିଥିଙ୍କ ସହିତ ଗ୍ରାମବାସୀସମୂହ ଚା ଆଉ ମୁଗଡ଼ାଲିରେ ତିଆରି ଚକୁଳିପିଠା ବାଣ୍ଟିକୁଣ୍ଟି ଖାଇଲେ।

ଲୋକଙ୍କ ସାମୂହିକ ଭାବନା ତଥା ଏପରି ସ୍ନେହସଭାବ ଜେହାନ୍ ଓ ଶ୍ରୀ ଶାପୁରଙ୍କ ହୃଦୟକୁ ସ୍ପର୍ଶକଲା। ନିଜକୁ ବେଶ୍ ଗୌରବାନ୍ୱିତ ମନେକରୁଥିବା ରୁନୁ, ଶ୍ରୀ ଶାପୁର ଓ ପ୍ରିତେଶଙ୍କ ପାଖରେ ବସିଥାଏ। ସତେଯେମିତି ସମାବେଶକୁ ସିଏବି ସମ୍ବୋଧନକରି ତାର ବକ୍ତବ୍ୟ ପ୍ରଦାନକରିବ। ଜେହାନ୍ ଅନ୍ୟ ଗ୍ରାମବାସୀଙ୍କ ସହମିଶି ବସିଥାଏ ସବାଆଗଧାଡ଼ିରେ। ସମସ୍ତେ ସକାଳ ଜଳଖିଆଖାଇ ଚା ପିଇସାରିବାପରେ କିଛି ସମୟଲାଗି ନିଜନିଜ ଭିତରେ ଅଭିନନ୍ଦନ ଓ ଆତ୍ମୀୟତାର ଆଦାନ ପ୍ରଦାନରେ ମଜ୍ଜିଗଲେ, ଶୁଭେଚ୍ଛା ଜଣାଇଲେ, ଖୁସିଗପକଲେ। ଏହାପରେ ବେଶ୍ ଗୁରୁତ୍ୱପୂର୍ଣ୍ଣ ବିଷୟରେ ଚର୍ଚ୍ଚା ଆରମ୍ଭ କଲେ ଶ୍ରୀ ଶାପୁର। ସେ ସବୁ ସମସ୍ୟାକୁ ଲିଖିତରୂପେ ରଖିବା ସହିତ ତାଙ୍କ ସାଧ୍ୟମତେ ସମାଧାନର ବାଟ ବାହାର କରିବା ପାଇଁ ଇଚ୍ଛୁକ ଥିଲେ।

ସଭା ଆରମ୍ଭରେ କିଛି ଗ୍ରାମବାସୀ ଲୁଣାପାଣି କୁମ୍ଭୀର ସେମାନଙ୍କ ପାଇଁ କିପରି ମୃତ୍ୟୁର ତାଣ୍ଡବ ସୃଷ୍ଟିକରୁଛି ସେନେଇ ଶ୍ରୀ ଶାପୁରଙ୍କୁ କହିଲେ। ସମସ୍ତଙ୍କ ଦ୍ୱାରା ଜେଜେବାପା ବୋଲି ସମ୍ବୋଧିତ ହେଉଥିବା ଛୟାନବେ ବର୍ଷର ବୁଢ଼ାଜଣକ ତାଙ୍କ ବାପା କହିଥିବା ଗୋଟିଏ କାହାଣୀର ବର୍ଣ୍ଣନାକଲେ। ଏହା ସେକାଳରେ କିମ୍ବଦନ୍ତୀପରି ନାଁ କରିଥିବା କଳା ରଙ୍ଗର କୁମ୍ଭୀର 'କାଳିଆ'ର କଥା। ତାହାଥିଲା ସେମାନେ ଦେଖିଥିବା ସବୁଠାରୁ ବୃହତ୍ ଲୁଣାପାଣି କୁମ୍ଭୀର। ମଣିଷଖିଆ ଭାବେ ଜଣାଶୁଣା କାଳିଆ ଦୀର୍ଘ ପଚାଶବର୍ଷଧରି ସେଇ ଅଞ୍ଚଳରେ ଶୀକାରକରି ବୁଲୁଥିଲା। ଶେଷରେ ଆଜିକୁ ୯୬ ବର୍ଷତଳେ ବିଖ୍ୟାତ ଶିକାରୀ ରାଜକୁମାର ରାଜେନ୍ଦ୍ର ଭଞ୍ଜଦେଓ ୧୯୨୬ ମସିହାରେ ତାକୁ ମାରିଥିଲେ। କୋକୁଆଭୟ ସୃଷ୍ଟିକରିଥିବା ଏଇ ଭୟଙ୍କର କୁମ୍ଭୀର ମୃତ୍ୟୁର ଅନେକ ବର୍ଷପରେ, 'କ୍ରୋକୋଡାଇଲ୍ ମ୍ୟାନ୍ ଅଫ୍ ଇଣ୍ଡିଆ' ଭାବେ ପରିଚିତ, ରୋମୁଲାସ୍ ୱିଟକର୍, ସେଯାଏଁ ସାଇତା ହୋଇରହିଥିବା ତା ଖପୁରୀର ମାପ କରିଥିଲେ। ଏହାର ବିରାଟ ଆକାରରୁ ରୋମୁଲାସ୍ ହିସାବ କରିଥିଲେ, କାଳିଆ ନିଶ୍ଚିତରୂପେ ଅତିକମ୍ ରେ ୨୫ଫୁଟ ଲମ୍ବ ହୋଇଥିବ। କାହାଣୀଟିକୁ ଶୁଣି ଜେହାନ୍ ପାଟିରୁ କଥା ବାହାରିଲାନି, ସେ ଯେମିତି ମୂକ ପାଲଟି ଯାଇଥିଲା।

"ତାମାନେ ଏଇ ବୃଦ୍ଧ କାଳିଆ ମରିବା ବର୍ଷ ଜନ୍ମ ହୋଇଥିଲେ," ଜେହାନ୍ କହିଲା।

"ସେବେ ଯେତେ ସଂଖ୍ୟାରେ କୁମ୍ଭୀର ଆକ୍ରମଣ ହେଉଥିଲା, ଏବେ ସେତେ ହେଉନାହିଁ," କେହିଜଣେ ବାସ୍ତବ ସ୍ଥିତିକୁ ଦେଖି ମନ୍ତବ୍ୟ ଦେଲେ। "ବହୁବର୍ଷ ଆଗରୁ ଚମଡ଼ା ପାଇଁ କୁମ୍ଭୀର ଶୀକାର କରାଯାଉଥିଲା, ଯାହାକୁ ସମ୍ପୃକ୍ତ ଲୋକ ଢେର୍ ଟଙ୍କାରେ ବିକ୍ରୀକରୁଥିଲା। କିନ୍ତୁ ଯେତେବେଳେ ଏହି କାରଣରୁ କୁମ୍ଭୀରମାନଙ୍କ ସଂଖ୍ୟା କମୁଥିବାର ବନବିଭାଗ ଜାଣିପାରିଲା, ସେମାନେ କଠୋର କଟକଣା କଲେ।"

"ହାଁ, ହାଁ," ଆଉଜଣେ ଗ୍ରାମବାସୀ ଖୁବ୍ ଉତ୍ତେଜିତ ହୋଇ କହିଲେ। "ସେମାନେ ନୂଆ ଆଇନ କାର୍ଯ୍ୟକାରୀ କଲେ। କୁମ୍ଭୀର ଧରିବା କିମ୍ବା ଶୀକାରକରିବା ଦଣ୍ଡନୀୟ ଅପରାଧ ହେଲା।"

"ତେଣୁ ଲୋକେ କୁମ୍ଭୀରମାନଙ୍କୁ ଧରିବା ଏବଂ ଶୀକାରକରିବା ବନ୍ଦକଲେ, ଏଥିପାଇଁ ବନବିଭାଗର କାର୍ଯ୍ୟକୁ ଧନ୍ୟବାଦ ଦେବାକୁ ପଡ଼ିବ। ଏବେ ପୁଣି ସେମାନଙ୍କ ସଂଖ୍ୟାବଢୁଛି," ମଝିରେ ରୁନୁ କହିପକାଇଲା। "ମାତ୍ର ଆମେ ଯଦି ଏହି ସଂଖ୍ୟାବୃଦ୍ଧି ଉପରେ ଧ୍ୟାନଦେବାକୁ ଭୁଲିଯିବା, ତେବେ କୁମ୍ଭୀର ଆକ୍ରମଣ ବଢ଼ିବ।"



"ଝିଅଟି ଯାହାକହୁଛି, ଏକଦମ୍ ସତକଥା," ପ୍ରିତେଶ ଉପସ୍ଥିତ ଗ୍ରାମବାସୀଙ୍କୁ ଜଣେଇଲା। ଏହା ଶୁଣି ରୁନୁ ଆଉଟିକେ ନିଜର ଗୁରୁତ୍ୱ ଉପଲବ୍ଧି କଲା।

"ମୁଁ ଆନନ୍ଦିତ ଯେ, ନିଜପରିବାର ପାଇଁ ବିପଦ ଆଶଙ୍କା ବଢୁଥିବାବେଳେ ଜନସାଧାରଣ କୁମ୍ଭୀରମାନଙ୍କୁ ଘୃଣା କରୁନାହାନ୍ତି," ପ୍ରିତେଶ କାନରେ ଫୁସଫୁସ୍ ହୋଇ କହିଲେ ଶ୍ରୀ ଶାପୁର।

"ସେମାନଙ୍କ ପୂର୍ବପୁରୁଷ ଆଉ ସେମାନେ ସର୍ବଦା କୁମ୍ଭୀରମାନଙ୍କ ସାଥିରେ ରହିଆସିଛନ୍ତି", ପ୍ରିତେଶ ଉତ୍ତରଦେଲା। ଏହା ସେମାନଙ୍କ ଜୀବନର ଅଙ୍ଗ, ଦୈନନ୍ଦିନ ଚଳଣିର ଅଂଶବିଶେଷ। ଏତଦବ୍ୟତୀତ କୁମ୍ଭୀରମାନଙ୍କୁ ଗ୍ରାମବାସୀ ସମ୍ମାନ ଦିଅନ୍ତି ଏବଂ ସେମାନେ ବୁଝିଛନ୍ତିଯେ ସମଗ୍ର ଜୀବଜଗତ ତିଷ୍ଠିବା ପାଇଁ କୁମ୍ଭୀରମାନଙ୍କର ବି ମହତ୍ୱପୂର୍ଣ୍ଣ ଭୂମିକା ରହିଛି।

ସଭା ଭିତରୁ ଜଣେକହିଲେ, କୁମ୍ଭୀର ଆକ୍ରମଣରେ ସେ ତାଙ୍କ ପରିବାରର କେତେକଙ୍କୁ ହରାଇଛନ୍ତି। କିନ୍ତୁ ଏଥିରେ କ୍ଷୁବ୍ଧ ନହୋଇ ସେ ଏହାକୁ ସ୍ୱାଭାବିକ ବୋଲି ମତଦେଲେ। "ତାଉପରେ ବିପଦର ଆଶଙ୍କାହେଲେ କୁମ୍ଭୀର ନିଜକୁ ରକ୍ଷାକରିବାକୁ ଏଭଳି ଆକ୍ରମଣ କରେ", ସେ ଏକଥାଟି କହିଲେ ଶ୍ରୀ ଶାପୁରଙ୍କୁ। "ମୋ ମଉସା ଓ ତାଙ୍କ ୧୫ବର୍ଷର ପୁଅ ଦୁଃସାହସ କରି କୁମ୍ଭୀରମାନଙ୍କ ଆବାସସ୍ଥଳର ଅତିପାଖକୁ ମାଛମାରିବାକୁ ଯାଇଥିଲେ। ସେମାନେ ଏଭଳି କରିବା ଉଚିତନଥିଲା। ସେ ଭିତରେ ବୋଧେ ଗୋଟିଏ ମାଆକୁମ୍ଭୀର ଥିଲା, ଯିଏ ସେତେବେଳେ ଅଣ୍ଡାଦେଇଥିଲା; ଆମେ ଜାଣିନୁ, ଅନୁମାନ କରୁଛୁ।"

"କିନ୍ତୁ ଲୋକେ କୁମ୍ଭୀରମାନଙ୍କ ଅଞ୍ଚଳକୁ ନଯିବାକୁ ବନବିଭାଗ କଣ ବାରଣ କରିନି?" ଶ୍ରୀ ଶାପୁର ପଚାରିଲେ।

"ବନବିଭାଗ ଲୋକଙ୍କ ସୁରକ୍ଷାପାଇଁ ବହୁତଗୁଡ଼ିଏ କଟକଣା କାର୍ଯ୍ୟକାରୀ କରୁଛି," ପ୍ରିତେଶ ଶ୍ରୀ ଶାପୁରଙ୍କୁ ସୂଚେଇ ଦେଲେ। "ଆମେମାନେ ମଧ୍ୟ ବିଭିନ୍ନ ସମୟରେ ବିପଦ ସଂକ୍ରାନ୍ତରେ ସତର୍କ ସୂଚନାଥାଇ ପୋଷ୍ଟର ମାରୁଛୁ।"

"ତାହେଲେ ଲୋକମାନେ ସେଠାକୁ ଯାଉଛନ୍ତି କାହିଁକି?", ଶ୍ରୀ ଶାପୁର ଏହି ପ୍ରଶ୍ନ ସମବେତ ଜନତାଙ୍କୁ ପଚାରିଲେ।

କିଛିସମୟ ଲାଗି ନିରବତା ଦେଖାଦେଲା, ଲୋକେ ପରସ୍ପରକୁ ଚାହିଁଲେ। ତାପରେ ଜଣେ କହିବାକୁ ଆରମ୍ଭକଲେ; "ଆମମାନଙ୍କର ବନବିଭାଗର ଆଇନକାନୁନ ପ୍ରତି ମର୍ଯ୍ୟାଦା ରହିଛି। ଆମେ ବି ବୁଝିଛୁ ଯେ ବିଭାଗ ଆମର ନିରାପତ୍ତା ନେଇ ଯତ୍ନବାନ। କିନ୍ତୁ..."

"କିନ୍ତୁ କଣ?" ଶ୍ରୀ ଶାପୁର ପଚାରିଲେ।

"ଅସଲକଥା ହେଉଛି, ଆମେ ବେଶି ପରିମାଣର ମାଛମାରିବା ଦରକାର, ଏବଂ ବେଳେ ବେଳେ ଆମପାଇଁ ନିର୍ଦ୍ଧାରିତ ଅଞ୍ଚଳରୁ ଆବଶ୍ୟକ ପରିମାଣର ମାଛ ମିଳେନାହିଁ। ଅଳପ ମାଛରୁ କେତେଖାଇବୁ, କେତେ ବଜାରରେ ବିକ୍ରୀକରି ରୋଜଗାର କରିବୁ?" ଜଣେ ଯୁବକ ସାହସକରି କହିଲେ।

"ଏପରିକି କୁମ୍ଭୀରମାନେ ମଧ୍ୟ ତାଙ୍କ ଅଞ୍ଚଳ / ବାସସ୍ଥାନ ସଂକୁଚିତ ହୋଇଯାଉଥିବା ଅନୁଭବ କରୁଛନ୍ତି, କାରଣ ଏବେ ସେମାନଙ୍କ ସଂଖ୍ୟା ବଢ଼ିଯାଇଛି," ସାହସପାଇ ଆଉଜଣେ କହିଲେ। "ଏହାର ଅର୍ଥ ମିଳୁଥିବା ଖାଦ୍ୟ ଦିନକୁ ଦିନ କମିବାରେ ଲାଗିଛି, ଯାହା ସେମାନଙ୍କୁ ନିଜକ୍ଷେତ୍ର ବାହାରକୁ ଯିବାକୁ ବାଧ୍ୟକରୁଛି ଏବଂ ମଣିଷଙ୍କ ସହିତ ମୁହାଁମୁହିଁ ହେବା ସମ୍ଭାବନା ସୃଷ୍ଟିହେଉଛି। ଯଦିଓ ବନବିଭାଗ କୁମ୍ଭୀରଙ୍କ ଅଞ୍ଚଳ ଚାରିପଟେ ବାଡ଼ଦେଇଛି, କିଛି ଜାଗାରେ ସେମାନେ ବାହାରି ଆସିବାର ବାଟଅଛି।"

ଧିରସ୍ଥିର ପ୍ରକୃତିର ଜଣେ ବୟସ୍କବ୍ୟକ୍ତି କହିଲେ, "ଆଉଏକ ଘଟଣା ହେଉଛି, ନଦୀର ଉପରମୁଣ୍ଡରେ ବନ୍ଧ ତିଆରି ହେଉଥିବାରୁ, ମାଛମାନଙ୍କ ଅବାଧ ଚଳପ୍ରଚଳ ବାଧାପ୍ରାପ୍ତ ହେଉଥାଇପାରେ, ଯାହା ଫଳରେ କୁମ୍ଭୀରଙ୍କ ଲାଗି କମ୍ ଖାଦ୍ୟ ମିଳୁଛି।"

ଲୋକେ ସାମ୍ନାକରୁଥିବା ଗୋଟିଗୋଟିକରି ସମସ୍ୟା ପଦାକୁ ଆସୁଥିଲା। "ହୁଁ, ଯଦି ଏଭଳି ଅବସ୍ଥା ବଢ଼ିଚାଲେ ଓ କୁମ୍ଭୀର ଆକ୍ରମଣ ବୃଦ୍ଧିପାଏ, ତେବେ ପରିସ୍ଥିତି ଆହୁରି ବିଗିଡ଼ି ଯାଇପାରେ," ଶ୍ରୀ ଶାପୁର ମତଦେଲେ। ଲୋକେ ସେତେବେଳକୁ କୁମ୍ଭୀରଙ୍କୁ ନିଶ୍ଚୟ ଘୃଣାକରିବେ, ଏବଂ ମନୁଷ୍ୟ–କୁମ୍ଭୀର ଲଢ଼େଇ ବେଶି ହେବ।

ଗ୍ରାମବାସୀଙ୍କ ଠାରୁ ଏପରି ଅନେକ ଅଙ୍ଗେନିଭା କଥା ଓ ଉଦବେଗ ଶୁଣିବାପରେ ଶ୍ରୀ ଶାପୁର ଆଶ୍ୱାସନା ଦେଲେଯେ ସେ ସରକାରଙ୍କୁ ଅନୁରୋଧ କରିବେ କୁମ୍ଭୀରମାନଙ୍କ ବାସସ୍ଥାନ ପରିସରକୁ ଉପଯୁକ୍ତ ଘେରିକରି ଉତ୍ତମରୂପେ ନିବୁଜକରିବେ, ଯାହାଫଳରେ ଲୋକେ ସେମାନଙ୍କର ସୁରକ୍ଷିତ ଜୀବନଧାରଣ ଏବଂ ଉପାର୍ଜନ ସୁନିଶ୍ଚିତ କରିପାରିବେ। ଏତଦ ବ୍ୟତୀତ ଜନସାଧାରଣଙ୍କ ପାଇଁ ଖୋଲାଥିବା ଅଞ୍ଚଳରେ ଯଦି କୁମ୍ଭୀରଙ୍କ ଅନୁପ୍ରବେଶ ଘଟେ ଓ ଲୋକେ ଆକ୍ରମଣର ଶିକାର ହୁଅନ୍ତି, ତେବେ ସମ୍ପୃକ୍ତ ପରିବାରକୁ ଯଥାର୍ଥ କ୍ଷତିପୂରଣ ଦିଆଯିବ।

ପ୍ରିତେଶ କହିଲେ, "ଯଦିଓ ଏସବୁ ପଦକ୍ଷେପ ନିଆଯାଉଛି, ତଥାପି ବନବିଭାଗ ଆପଣମାନଙ୍କ ସହିତ ଆଲୋଚନାକରି ପ୍ରତିଟି ସମସ୍ୟାର ସମାଧାନ କରିବେ।" ପୁନଶ୍ଚ ଏବେ ଚିନ୍ତାକରିବାର

ସମୟ ଆସିଛିଯେ ଘରପଛପଟେ ପୋଖରୀ ଖୋଳି ମାଛଚାଷ କରାଗଲେ, ନିରାପଦ ଜୀବିକାର୍ଜନ ସୁଗମ ହୋଇପାରିବ। ସେ କଥାଦେଲେ, ସମ୍ପୃକ୍ତ ବିଭାଗର ଅଧିକାରୀମାନେ ସେମାନଙ୍କ ସହିତ ବସି ଯୋଜନା ପ୍ରସ୍ତୁତକରିବେ ଏବଂ ସେ ମଧ୍ୟ ଯାହା ଅନୁଭବ କରିଛନ୍ତି, ଅଧିକାରୀଙ୍କୁ ଭେଟିକହିବେ। ଏପରି ଏକ ଆଶାର ବାତାବରଣ ଭିତରେ ସଭା ଶେଷହେଲା ଓ ଗ୍ରାମବାସୀବୃନ୍ଦ ଘରକୁ ଫେରିଲେ। ସେମାନଙ୍କ ଭିତରୁ ଅନେକ ଶ୍ରୀ ଶାପୁର ଓ ପ୍ରିତେଶଙ୍କ ପାଖକୁ ଆସି ବାସିନ୍ଦାମାନଙ୍କ ସ୍ୱାର୍ଥଲାଗି ଉଦ୍ୟମ କରିଥିବାରୁ ହାତଯୋଡ଼ି କୃତଜ୍ଞତା ପ୍ରକାଶକଲେ ଆଉ ରୁନୁର ମଥାକୁ ଆଦରରେ ଆଉଁସି ଦେଲେ।

କିନ୍ତୁ ଶ୍ରୀ ଶାପୁର ଅନୁଭବ କରୁଥିଲେ, ଏଦିଗରେ ତାଙ୍କୁ ଆହୁରି ଅଧିକ ଚିନ୍ତା କରିବାକୁ ହେବ ଏବଂ ଗ୍ରାମବାସୀଙ୍କୁ ସହାୟକ ହେବାଭଳି ଉପଯୁକ୍ତ ସମାଧାନ ବାହାରକରିବାକୁ ପଡ଼ିବ, ଯେଉଁ ପଦକ୍ଷେପରେ ଭିତରକନିକାର ଗୌରବ; ଲୁଣାଜଙ୍ଗଲ ବା ହେନ୍ତାଳବନ ଓ ଲୁଣାପାଣି କୁମ୍ଭୀର ବଞ୍ଚିରହିବ।

ବାସିନ୍ଦାମାନେ ହୃଦୟରେ ଅନେକ ଆଶାଧରି ସଭାରୁ ଉଠିଗଲାପରେ, ଶ୍ରୀ ଶାପୁର, ଜେହାନ୍ ଓ ପ୍ରିତେଶ ରୁନୁଙ୍କ ଘରେ ଅଟକି ରହି ଅଞ୍ଚଳର ଲୋକମାନେ ସମ୍ମୁଖୀନ ହେଉଥିବା ଜଟିଳ ସମସ୍ୟା ସମ୍ପର୍କରେ ଅଧିକ ଆଲୋଚନା କରିବାକୁ ଲାଗିଲେ। ଏଣେ ସେମାନଙ୍କ ଦି'ପହର ଖାଇବା ଲାଗି ରୁନୁର ବାପା ଓ ମାଆ ଓଠଚାଟି ଖାଇବା ଭଳି ସୁଆଦିଆ ପଖାଳଭାତ (ଭାତ, ଦହି, କାକୁଡ଼ି, ଜିରା, କଞ୍ଚାଲଙ୍କା ଇତ୍ୟାଦି ମିଶାଇ) ଆଉ ମାଛଭଜା କରି ପରଷିଦେଲେ।

"ଆଚ୍ଛା! ଯଦି ଆମେ ବିପଦଥିବା ଅଞ୍ଚଳରେ ଲୋକଙ୍କୁ କୁମ୍ଭୀରମାନଙ୍କଠାରୁ ଦୂରେଇ ରହିବାପାଇଁ ମନେପକାଇ ଦେବାପାଇଁ ନୂଆ ପୋଷ୍ଟର ଲଗାଇଦେବା, କେମିତି ହୁଅନ୍ତା?", ବିଚକ୍ଷଣ ବୁଦ୍ଧି ପ୍ରୟୋଗକରି କହିଲା ଜେହାନ୍।

"କିଛିଦିନ ସକାଶେ ପୋଷ୍ଟର ବେଶ୍ ସହାୟକ ହୁଏ, ତେବେ ଚାରିଆଡ଼େ ନୂଆଶୈଳୀରେ ତିଆରି ହୋଇଥିବା ପୋଷ୍ଟର ଲାଗିଲେ ପ୍ରଭାବ ଦୀର୍ଘକାଳରହେ," କହିଲେ ପ୍ରିତେଶ। "ତେବେ ଯାହାହେଉ, କିଛି ଅଧିକ କରିବାର ଆବଶ୍ୟକତା ଅଛି।"

"ଯଦି ବନକର୍ମଚାରୀ ଥରକୁଥର ଲୋକଙ୍କ ପାଖକୁଯାଇ ଡାକବାଜି ଯନ୍ତ୍ରରେ ସେମାନଙ୍କୁ ଯତ୍ନବାନ ହେବାକୁ ମନେପକାଇ ଦିଅନ୍ତେ, କଣ ହୁଅନ୍ତାନି?" ରୁନୁ ଏଇ ସମାଧାନର ସୂତ୍ର ବାହାରକରି କହିଲା।

"ଏ ଗୋଟେ ବଢ଼ିଆକଥା," ଶ୍ରୀ ଶାପୁର ମନ୍ତବ୍ୟଦେଲେ। "ଏହାକୁ ବିଚାରକୁ ନେବା ଦରକାର।"

"ଆଉ ଏପରି ଘୋଷଣା କୁମ୍ଭୀରମାନଙ୍କ ପୂରା ପ୍ରଜନନଋତୁ ମାନେ ମାର୍ଚ୍ଚ–ଜୁନ୍ ମାସରେ ଲଗାତର ହେବାଉଚିତ। ଏହି ସମୟରେ ସେମାନେ ଅଧିକ ଆକ୍ରମକ ହୁଅନ୍ତି," ପ୍ରିତେଶ ତାଙ୍କ ମତ ଯୋଡ଼ିଲେ।

"କେମିତି ହୁଅନ୍ତା, ଯଦି ଅଞ୍ଚଳର ପିଲାମାନେ ଭିତରକନିକା ହେନ୍ତାଳବନର ସ୍ୱତନ୍ତ୍ରତା ଓ ବୈଚିତ୍ର୍ୟକୁ ନେଇ ଏବଂ ଏହାର ସୁରକ୍ଷା ସମ୍ବନ୍ଧରେ ଅବଗତ କରାଇ ନାଟକ ପରିବେଷଣ କରନ୍ତେ?" ଜେହାନ୍ ତା ଭାବନାକୁ ଯୋଡ଼ିଲା। ଏ କଥାରେ ରୁନୁ ଉତ୍ସାହିତ ହୋଇକହିଲା, "ସେ ଶିକ୍ଷକ ଙ୍କୁ ଅନୁରୋଧ କରିବ, ବିଦ୍ୟାଳୟର ଆସନ୍ତା ବାର୍ଷିକଉତ୍ସବରେ ଏହି ବିଷୟକୁ ନେଇ ଗୋଟେ ନାଟକ କରିବାପାଇଁ ସେ ଆମକୁ ସାହାଯ୍ୟ କରିବେ।"

ସର୍ବଶେଷରେ, ଉତ୍ସାହିତ ହୋଇପଡ଼ିଥିବା କ୍ଷୁଦ୍ର ଗୋଷ୍ଠିଟି ଦେଇଥିବା ବିଭିନ୍ନ ପ୍ରକାର ବିଚାର ଓ ମତାମତକୁ ମଧ୍ୟ ଶ୍ରୀ ଶାପୁର ଏକତ୍ରକରି ସରକାରଙ୍କ ନିକଟରେ ଉପସ୍ଥାପିତ କରିବେ ବୋଲି ନିଷ୍ପତ୍ତି ନେଲେ, ଯାହାଫଳରେ ଅଞ୍ଚଳର ବାସିନ୍ଦା ଓ କୁମ୍ଭୀରକୁଳ ସହାବସ୍ଥାନ କରିପାରିବେ। ଜେହାନ୍ ଓ ଶ୍ରୀ ଶାପୁର ନିଜନିଜ ଜିନିଷପତ୍ର ଧରି ବାହାରେ ଅପେକ୍ଷା କରିଥିବା ଜିପ୍‌କୁ ଉଠିଲେ। ରୁନୁ ତା ପଛରେ ଧାଇଁଧାଇଁ ହାତ ହଲାଇ ବିଦାୟ ଜଣାଉଥାଏ। "ମୁଁ ତୁମକୁ ଆସନ୍ତା ଛୁଟିଦିନ ସମୟକୁ ଅପେକ୍ଷା କରିବି," ସେ ବଡ଼ପାଟିକରି କହୁଥିଲାବେଳେ ଜିପ୍ ଟି ଧିରେଧିରେ ଆଖିଆଗରୁ ଅଦୃଶ୍ୟ ହେବାରେ ଲାଗିଥିଲା। ଜେହାନ୍ ସେପଟରୁ ହାତ ହଲାଉଥିଲା ଆଉ ଭିତରକନିକାର ରହସ୍ୟମୟ ହେନ୍ତାଳବନକୁ ତାର ଆଗାମୀଯାତ୍ରା ବିଷୟରେ ଭାବୁଥିଲା।

. . . କୁମ୍ଭୀର, ପକ୍ଷୀ, ପଶୁପକ୍ଷୀ, ମାଛ ଓ ମହୁମାଛିଙ୍କ ସହ ଲୋକେ ନିଜ ଘର ବାଣ୍ଟିଥାନ୍ତି।

ଯେକୌଣସି ପରିବାର ଭଳି ସେମାନେ ମଧ୍ୟ କେତେବେଳେ ପ୍ରତିଦ୍ୱନ୍ଦ୍ୱିତା କରନ୍ତି ତ କେତେବେଳେ ଝଗଡ଼ା କରନ୍ତି,

ଏକାଠି ସେମାନେ ପରିବର୍ତ୍ତିତ ଦୁନିଆର ସମ୍ମୁଖୀନ ହୁଅନ୍ତି ଏବଂ ଆମକୁ ସମନ୍ୱୟରେ ବଞ୍ଚିବା ଶିଖାଇଥାନ୍ତି . . .

ଏହି ପୁସ୍ତକରେ ଅନେକ ପଶୁ ପକ୍ଷୀ ସ୍ଥାନ ପାଇଛନ୍ତି । ଆମେ ସେମାନଙ୍କର କିଛି ନାମ ତାଲିକାଭୁକ୍ତ କରିଛୁ । ଯାହାକୁ ଆପଣ ଦେଖିଛନ୍ତି ସେଗୁଡ଼ିକୁ ଟିକ୍ କରନ୍ତୁ! ସେମାନଙ୍କର ସ୍ଥାନୀୟ ନାମ ମଧ୍ୟ ଯୋଡନ୍ତୁ!

		Common names (English)	Find and fill their local names and other interesting facts here!
1		Red-naped Ibis	
2		Black-Capped Kingfisher	
3		Black-necked Stork	
4		Black-tailed Godwit	
5		Brown-winged Kingfisher	
6		Collared Kingfisher	

Tear along the dotted line to take this checklist with you to the field!

7		Common Kingfisher	
8		Cormorants	
9		Egrets	
10		Grey Pelican	
11		Indian Skimmer	
12		Lesser Adjutant	
13		Pied Kingfisher	

Tear along the dotted line to take this checklist with you to the field!

Tear along the dotted line to take this checklist with you to the field!

14		Mangrove Pitta	
15		Northern Pintails	
16		Oriental Darters	
17		Purple Heron	
18		Saltwater Crocodile	
19		Stork-billed Kingfisher	
20		White-throated Kingfisher	

Other birds, animals, and plants:		
	Common names (English)	Find and fill their local names and other interesting facts here!
1	Chital	
2	Civet	
3	Collared Scops-Owl	
4	Fiddler Crab	
5	Grey Heron	
6	Grey Mangrove	
7	Jackal	
8	King Cobra	
9	Monitor Lizard	
10	Mongoose	
11	Mud Crab	
12	Mudskipper	
13	Nightjar	
14	Olive Ridley Turtle	
15	Pandanus tree	
16	Red Mangrove	
17	Sal tree	
18	Sundari tree	
19	White-bellied Sea Eagle	

Tear along the dotted line to take this checklist with you to the field!

ଆମେ ଆଶା କରୁଛୁ ଯେ ଆପଣ ପଢ଼ିବା ଏବ ଶିଖିବାକୁ ଉପଭୋଗ କରିଛନିତ୍!

ଭିତରକନିକା ଏବଂ ଏହାର ବିଭିନନ୍ ବାସିନ୍ଦାଙ୍କ ବିଷୟରେ ଆପଣ କ'ଣ ପଢନିତ୍ ସେ ବିଷୟରେ ଚିନାତ୍ କରି କିଛି ସମୟ ବିତାନୁତ୍ ।

ଆପଣ ସେମାନଙ୍କୁ କିପରି ସୁରକ୍ଷିତ ରଖିବାରେ ସାହାଯଯ୍ କରିପାରିବେ ସେ ବିଷୟରେ ଆପଣଙ୍କର କିଛି ଧାରଣା ଅଛି କି? ଆପଣ ଭିତରକନିକା ପରିଦଶର୍ନ କରିଛନିତ୍ କି?

ଆପଣ କୌଣସି ଆକଷର୍ଣୀୟ ପକ୍ଷୀ କିମାବ୍ ପଶୁ କିମାବ୍ ଗଛ ଦେଖିଛନିତ୍ କି ଯାହା ଆପଣଙ୍କୁ ଆକଷିର୍ତ କରିଥିଲା? ଏଠାରେ ଆପଣଙ୍କ ଚିନାତ୍ଧାରା ତାଲିକାଭୁକତ୍ କରନୁତ୍ !!